# ନୂତନ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ଦାବି

ହାଟଡ଼ିହୀ,୨।୭(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଡିଭିଜନ ହଦଗଡ଼ ବନାଞ୍ଚଳ ଅଧୀନରେ ନୂତନ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ଜନସାଧାରଣରେ ଦାବି ହେଉଛି। ହଦଗଡ଼ ବନାଞ୍ଚଳ ମଧ୍ୟରେ ରହିଥିବା ହସ୍ତୀ ଅଭୟାରଣ୍ୟର ଆୟତନ ୧୯୧.୮୧ବର୍ଗ କିମି ଅଟେ। ପୂର୍ବରୁ ଏଠାରେ ଅନେକ ସଂଖ୍ୟାରେ ହାତୀପଲ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ

## କର୍ମଚାରୀ ଅଭାବରୁ ବଢୁଛି ଦାୟିତ୍ୱହୀନତା

ଏଠାରେ ଆବଶ୍ୟକ ଅନୁସାରେ ବନ କର୍ମଚାରୀଙ୍କ ଅଭାବ କାରଣରୁ ଅଭୟାରଣ୍ୟର ରାକ୍ଷଣାବେକ୍ଷଣରେ ବ୍ୟତିକ୍ରମ ହେବା ପରି ମନେହେଉଛି। ପୂର୍ବରୁ ଅନେକ ସଂଖ୍ୟାରେ ହାତୀ ଦେଖିବାକୁ ମିଳୁଥିଲା ବେଳେ ଏବେ କ୍ୱଚିତ ହାତଗଣତି ହାତୀ ଦେଖାଯାଉଛନ୍ତି। କାଠକଟା ଓ ହଦଗଡ଼ ମିଶି ମାତ୍ର ୨ଟି ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ରହିଛି। କାଠକଟା ସେକ୍ସନ କାର୍ଯ୍ୟାଳୟ ଅଧୀନରେ କାଠକଟା, କଣ୍ଟିପାଳ, ପିତାନାଉ ଓ ବାହିଆବାରଦେଣ୍ଡାକୁ




ମିଶାଇ ୪ଗୋଟି ବିଟ୍‌ହାଉସ ରହିଥିବା ବେଳେ ହଦଗଡ଼ ସେକ୍ସନ କାର୍ଯ୍ୟାଳୟ ଅଧୀନରେ ରାଇଘାଟି, ବଣିଆପଙ୍କ, ସଙ୍ଗମ, ହଦଗଡ଼ ଓ ବୈଦାଖିଆ ମିଶି ୫ଗୋଟି ବିଟ୍‌ହାଉସ ରହିଛି। ଉଭୟ ୨ଟି ସେକ୍ସନ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭାଗୀୟ କାର୍ଯ୍ୟରେ ଅନେକ ତ୍ରୁଟି ଏବଂ ଅବହେଳା ପରିଲକ୍ଷିତ ହେଉଛି। ହଦଗଡ଼ ସ୍ଥିତ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟଠାରୁ ହାଟଡିହୀ ବ୍ଲକର ଜୋନ-ନଂ. ୩୬ ଓ ୩୭ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକ ଅନେକ ଦୂରତାରେ ଥିବାରୁ ସେଠାରେ ବନବିଭାଗ ପକ୍ଷରୁ କୌଣସି ପ୍ଲାଣ୍ଟେସନ କିମ୍ବା ବୃକ୍ଷରୋପଣ ଭଳି କାର୍ଯ୍ୟ ଗୁଡ଼ିକର ଉଚିତ ଯତ୍ନ କିମ୍ବା ପ୍ରତ୍ୟେକ୍ଷ ତତ୍ତ୍ୱବଧାନ ସଠିକ ଭାବେ ନିଆଯାଇ ପାରୁନାହିଁ। କର୍ମଚାରୀ ଅଭାବରୁ ଦୂରତା ସମ୍ପନ୍ନ ରାଇଘାଟି ସ୍ଥିତ ବିଟହାଉସର ଫରେଷ୍ଟ ଗାଡର୍ ସଙ୍ଗମ ବିଟ୍ ଦାୟିତ୍ୱ ବହନ କରୁଛନ୍ତି। ଦିନ ଦ୍ୱିପ୍ରହରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଜଙ୍ଗଲରେ ପଶି ବିଭିନ୍ନ ମୂଲ୍ୟବାନ ଗଛଲତା କାଟି ନେଉଥିବା ପୂର୍ବରୁ ଦେଖାଯାଇଛି। ହଦଗଡ଼, ବଣିଆପଙ୍କ ଓ ବୈଦଖିଆ ଭଳି ବିଟ୍‌ହାଉସ ମାନଙ୍କରେ ମହିଳା ଫରେଷ୍ଟ ଗାଡର୍ ଥିବାରୁ ସେମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା କାର୍ଯ୍ୟ ସୁଚାରୁରୂପେ ହେଉନଥିବା ଅନୁମାନ କରାଯାଇଛି। ବିଶେଷ କରି ଏହି ଅଭୟାରଣ୍ୟର ପାଦଦେଶ ମାନଙ୍କରେ ଆଦିବାସୀ ଲୋକମାନେ ବସବାସ କରୁଥିବାରୁ ବାହାର ଅଞ୍ଚଳର କିଛି କଳାବେପାରୀ ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକଙ୍କ ସହ ବାଣିଜ୍ୟ କରିବା ନେଇ ବନ୍ଧୁତା ସ୍ଥାପନ କରି ଆଦିବାସୀ ଲୋକଙ୍କୁ ଖାଦ୍ୟପେୟ, ଆର୍ଥିକ ଇତ୍ୟାଦି ବାବଦରେ ପ୍ରଲୋଭନ ଦେଖାଇ ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ଲୁଟି ନେଉଛନ୍ତି। ଏପରିକି କାରସାଦି କରି ଜଙ୍ଗଲରୁ ବିରାଟ ବଡ଼ ବଡ଼ ଗଛ ମଧ୍ୟ ଚୋରି କରି ନେଉଥିବା ନଜିର ରହିଛି। ହଦଗଡ଼ ବନାଞ୍ଚଳ ଅଧିକାରୀ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାର ମୌକା ଦେଖି ବିଭିନ୍ନ ସ୍ଥାନରୁ କେତେବେଳେ ଲକ୍ଷାଧିକ ଟଙ୍କାର ଜଙ୍ଗଲଜାତ ଦ୍ରବ୍ୟ ଚୋରି ହେଉଛି ତ ପୁଣି କେତେବେଳେ ପଶୁଜନ୍ତୁଙ୍କୁ ମଧ୍ୟ ମାରି ଲୋକେ ଖାଇ ଦେଉଥିବା ଭଳି ଘଟଣା ଘଟିଯାଉଛି। ଏଭଳି ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ବିଭାଗୀୟ କାର୍ଯ୍ୟକୁ ହାଲୁକା କରିବା ସହ ଜଙ୍ଗଲର ସଠିକ ଦାୟିତ୍ୱ ନେବା ପାଇଁ ବଣିଆପଙ୍କ ବିଟହାଉସ ସହ ଏକ ନୂତନ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ସାଧାରଣରେ ଦାବି ହେଉଛି।

● ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍

## ଡ୍ରାଇଭର ଗୁରୁତର



ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ର ଧାନବେଣୀ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରକ୍ ପଛ ପଟକୁ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ପଛ ଟ୍ରକ୍‌ର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଏବଂ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଗାଡି ଭିତରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭର ହେଲେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ମଡକୁ ହେମ୍ବ୍ରମ (୨୩) ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଚଲାଇଛି।

## ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ



କେନ୍ଦୁଝର,୨।୭(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ ଗତ ୨୯ ତାରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଦୁଇଟି ଗ୍ରୁପରେ ବିଭକ୍ତ ହୋଇ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଧାରଣଜ୍ଞାନ, ପ୍ରବନ୍ଧ, ବକ୍ତୃତା ଏବଂ ଓଡ଼ିଆ ଅନୁବାଦ ପରି ବିବିଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନେ ଆଗକୁ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ ମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିବେ।

## କଂକ୍ରିଟ ରାସ୍ତାରେ ଜମୁଛି ବର୍ଷାପାଣି



ହାଟଡିହୀ,୨।୭(ସମିସ): ହାଟଡିହୀ ବ୍ଲକ ଅଧିଷନ ସରମଙ୍ଗା ଛକ ଠାରୁ ସରଙ୍ଗ ଛକ ଯାଏଁ ଲମ୍ବିଥିବା ମୁଖ୍ୟରାସ୍ତାର ତେମଳ ଗାଁ ବିଦ୍ୟୁତ ଟ୍ରାନ୍ସଫରମର ନିକଟସ୍ଥ ନବନିର୍ମିତ କଂକ୍ରିଟ ରାସ୍ତାରେ ବର୍ଷା ମାତ୍ରକେ ପାଣି ଠିଆ ହୋଇ ରହୁଛି। ଲୋକଙ୍କ ଯା'ଆସରେ ନାନା ସମସ୍ୟା ସୃଷ୍ଟି ହେଉଥିଲା ବେଳେ ଗାଁ ଲୋକେ ରାସ୍ତାର ୫ଇଞ୍ଚିଆ ସୁରକ୍ଷା କାନ୍ଥରେ ଚଢ଼ି ଯିବାଆସିବା କରୁଛନ୍ତି। ଅସାବଧାନତା ଯୋଗୁଁ ଅନେକ ବାଇକ ଆରୋହୀଙ୍କ ସହିତ ସ୍କୁଲ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ସେହି ପାଣିରେ ପଶି ଯିବାକୁ ବାଧ୍ୟ ହେଉଛନ୍ତି। ଦୁଇଟି ବଡ଼ ଗାଁର ମୁଖ୍ୟରାସ୍ତା ସାଜିଥିବା ଏହି ରାସ୍ତା ଉପରେ ସରମଙ୍ଗା ଏବଂ ତେମଳା ଗ୍ରାମ ସହ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ହଜାର ହଜାର ଲୋକେ ଏହି ରାସ୍ତା ଉପରେ ନିର୍ଭରକରି ଚଳପ୍ରଚଳ କରନ୍ତି। ଏଣୁ ବିଭାଗୀୟ ଅଧିକାରୀ ଏଭଳି ସମସ୍ୟା ଉପରେ ଦୃଷ୍ଟିଦେଇ ଲଗାଣ ବର୍ଷା ପୂର୍ବରୁ ତୁରନ୍ତ ଏହାର ସମାଧାନ କରାଇବାକୁ ସାଧାରଣରେ ଦାବି ହେଉଛି।

## ପାଟଣା ବନବିଭାଗ ପକ୍ଷରୁ ଚାରାବଣ୍ଟନ




ପାଟଣା,୨।୭(ସମିସ): ପାଟଣା ବନ ବିଭାଗ ପକ୍ଷରୁ ପାଟଣା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାରା ବଣ୍ଟନ ପାଇଁ ଏକ ଷ୍ଟଲ୍ କରାଯାଇଛି। ଏହାକୁ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଷ୍ଟଲ୍‌ରେ ଗମ୍ଭାରୀ, ଅମୃତ ଭଣ୍ଡା, ପିଆଶାଳ, ପିଜୁଳି, ଆମ୍ବ, ଡାଳିମ୍ବ, ବେଲ, ସଜନା, ଲେମ୍ବୁ, ତେନ୍ତୁଳି, ଅଶୋକ ଆଦି ଗଛର ଚାରାବଣ୍ଟନ କରାଯାଉଛି।

## ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଦାବି



ଆନନ୍ଦପୁର,୨।୭(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଓ ତାହାର ଆଶୁ ସମାଧାନ ପାଇଁ ଆଜି ବିଜେପି ନେତା ଡ. ଶମ୍ଭୁନାଥ ରାଉତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଦର୍ଶନ କରିଥିବା ଜଣାଯାଇଛି। ପରିଦର୍ଶନ କାଳରେ ଘସିପୁରା ବ୍ଲକ, ତହସିଲ, ଆନନ୍ଦପୁର ମେଡିକାଲ, କୃଷି ଓ ପରାମର୍ଶ କେନ୍ଦ୍ର, ଜଳସେଚନ ବିଭାଗ, ପୂର୍ତ୍ତ ଓ ଗୃହ ବିଭାଗ ଏବଂ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରି ସରକାରୀ ପଦାଧିକାରୀମାନେ ସ୍ଥାନୀୟ ଜନସାଧାରଣମାନଙ୍କୁ ଯୋଗାଇ ଦେବାକୁ ଥିବା ସରକାରୀ ସେବା ଓ କର୍ମଚାରୀମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ତେବେ ରାଜ୍ୟରେ ଶାସନାଧୀନ ନୂତନ ବିଜେପି ସରକାରର ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ଦିଗରେ ବିଭାଗୀୟ ପଦାଧିକାରୀମାନେ ଆନ୍ତରିକତାର ସହିତ କାର୍ଯ୍ୟ କରିବାକୁ ଡ. ରାଉତ ପରାମର୍ଶ ଦେଇଥିଲେ। ଆଲୋଚନା କାଳରେ, କୃଷ୍ଣଚନ୍ଦ୍ର ପରିଡା, ବାବନ ଭୂୟାଁ, ଗୋପୀନାଥ ଜେନା, ରମଣୀ ଚକ୍ର, ପ୍ରଣବ ପୁହାଣ, ବିଜେପି ଯୁବ ନେତା ମାନସ ସାହୁ, ସନ୍ଦୀପ ଜେନା, ଗୋପ ପଣ୍ଡା, ନିରଞ୍ଜନ ସାହୁ, ମାନସ ଆଚାର୍ଯ୍ୟ, ରଞ୍ଜନ ସାହୁ, ବିଦ୍ୟାଧର ବାରିକ, ନାରାୟଣ ଚାନ୍ଦ, ପ୍ରଦୀପ ସାହୁ, ବିଜୟ ସାହୁ, ଜୟନ୍ତ ସେଠୀ, ସୁଦର୍ଶନ ମହାନ୍ତ, ବୁଧଦେବ ମହାରଣା, ଶିବେନ୍ଦ୍ର ଚକ୍ର, ଚତୁର୍ଭୁଜ ମୁର୍ମୁ, ହରେକୃଷ୍ଣ ଜେନା, ବିଶିକେଶନ ଜେନାଙ୍କ ସମେତ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସରୁନି କେନାଲ ମରାମତି; ପଡ଼ିଆ ପଡ଼ିଛି ଚାଷ ଜମି

ଅଷାଢ଼ ମାସରେ କ୍ଷେତରେ ଚରୁଛି ଗୋରୁ



ସୋସୋ,୨।୭(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ବର୍ଷା ଅଭାବରୁ ଚାଷ ଜମିଗୁଡିକ ଶୁଖିଲା ପଡିଛି। ଫଳରେ ଚାଷ ଜମି ଗୋରୁଗାଈଙ୍କ ଚରାଭୁଇଁ ପାଲଟିଛି। ସ୍ୱଳ୍ପ ବୃଷ୍ଟି ହେତୁ ଚାଷୀଙ୍କର କିଛି ଜମିରେ ଗଜାମାଡ ହୋଇଥିବା ବେଳେ ଧାନ ରୋଇବା ପାଇଁ କାଦୁଆ ଧାନ ତଳି ପଡିପାରିନାହିଁ। ଯାହାକୁ ନେଇ ଚାଷ କ୍ଷେତ୍ରରେ ବିଳମ୍ବ ଘଟିବା ସହିତ ଚାଷୀ ଚିନ୍ତାରେ ପଡିଛି।

ଏହି ବ୍ଲକରେ ସାଳନ୍ଦୀ ହଦଗଡ ଡ୍ୟାମ ଥିବା ବେଳେ ବିଦ୍ୟାଧରପୁର ବ୍ୟାରେଜରୁ ଭଦ୍ରକ, ବାଲେଶ୍ୱର ଓ ହାଟଡିହି ବ୍ଲକର କିଛି ଚାଷ ଜମିକୁ ଜଳସେଚନ କରାଯାଇଥାଏ। କିନ୍ତୁ ପ୍ରଶାସନର ଠିକାଦାର ପ୍ରେମ ପାଇଁ କେନାଲରେ ପାଣି ଆସି ପାରୁନାହିଁ। କେନାଲ ମରାମତି ନାମରେ ମାସ ମାସ ବିତିଯାଇଥିଲେ ମଧ୍ୟ କାମ ସଂପୂର୍ଣ୍ଣ ହୋଇପାରୁନି। ଯାହାକୁ ନେଇ ଠିକାଦାରଙ୍କ କଟେ ପୁଅ ବାର ସଦୃଶ୍ୟ ହେଉଛି। ବର୍ଷା ଦିନ ଆସିଯାଇଥିବାରୁ ତରବରିଆ ଭାବେ କାର୍ଯ୍ୟ ହେଉଥିବାରୁ କାର୍ଯ୍ୟର ମାନ ଉପରେ ପ୍ରଶ୍ନ ଉଠିଛି। ସ୍ୱଳ୍ପ ବୃଷ୍ଟି ପାଇଁ ଚାଷ କାର୍ଯ୍ୟ ଆଗେଇ ପାରୁନଥିବା ବେଳେ ବିଦ୍ୟାଧରପୁର ଡିଭିଜନରେକେନାଲରେ ପାଣି ଛଡାଯାଇପାରୁନାହି। କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ ଚାଷକାର୍ଯ୍ୟ ଆଗେଇ ପାରୁନି। ପାଣି ଗଚ୍ଛିତ ଥାଇ ମଧ୍ୟ ଜଳସେଚିତ ଜମିର ଚାଷୀ ପ୍ରଶାସନ ଉପରେ ଅନାଇ ବସିଛି।

## ପ୍ରାଧାପକ ମହେଶ କୁମାର ଚାଟାର୍ଜୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧାପକ ମହେଶ କୁମାର ଚାଟାର୍ଜୀ ରବିବାର ଚାକିରିରୁ ଅବସର



ଗ୍ରହଣ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାଧାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପାଟଣା ମହାବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରଭଞ୍ଜନ ନାଏକ, ସତ୍ୟପ୍ରକାଶ ମହନ୍ତ, ସସ୍ମିତା ତରାଇ, ପ୍ରମିଳା ମହାନ୍ତ, ସୋନାଲିକା ବାରିକ, ରମେଶ ଚନ୍ଦ୍ର ସାହୁ, ରାଜେନ୍ଦ୍ର କୁମାର ମହାନ୍ତ, ସୁଶିଲ କୁମାର ପ୍ରଧାନ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧାପକ ଚାଟାର୍ଜୀ ଦୀର୍ଘ ୩୪ ବର୍ଷର ଚାକିରି ଜୀବନର ଅନୁଭୂତି ପ୍ରଦାନ କରିବା ସହ ସ୍ଥାନୀୟ ପରିଚାଳନା ସମିତର ସମସ୍ତ କର୍ମକର୍ତ୍ତା, ସହଯୋଗୀ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ମିଳାମିଶା ତଥା ଭଲପାଇବା ସର୍ବଦା ଅଭୁଲା ସ୍ମୃତି ହୋଇ ରହିବ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ତତ୍ପରେ ସମସ୍ତଙ୍କ ତରଫରୁ ଅଧ୍ୟକ୍ଷ ଓ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ପ୍ରାଧାପକ ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ମଧ୍ୟ ତାଙ୍କ ତରଫରୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ କିରାଣି ହୃଦାନନ୍ଦ ମହନ୍ତ, ସରୋଜ କୁମାର ସାହୁ, ମଦନ ମୋହନ ସାହୁ, ଜଗଦିଶ ଚନ୍ଦ୍ର ସାହୁ, ଭଗବାନ ମହାନ୍ତ, ସପନ ହାସଦା, ସଞ୍ଜୟ କାରୁଆ ଆଦି ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଡିଇଓ ପଦ୍ମଲୋଚନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଡିଓଙ୍କୁ ଫେରାଦ ହେଲେ ନଣ୍ଡାବର ଗ୍ରାମବାସୀ

ରାମଚନ୍ଦ୍ରପୁର,୨।୭(ସମିସ): ଏବେବି ଗାଁ ଅବହେଳିତ। ଗରିବ ଲୋକ ଆବାସରୁ ବଞ୍ଚିତ। ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ଥିଲା ବାଲା ହାତେଇଛନ୍ତି ରାସନ କାର୍ଡ। ଗୋଚର ବଗାୟତ ମାଡ଼ି ବସିଛନ୍ତି ମୁଷ୍ଟିମେୟ ତଥା ରାଜନୈତିକ ପୃଷ୍ଠପୋଷକ ଥିବା ବ୍ୟକ୍ତି ବିଶେଷ। ଏମିତି ଅନେକ ମାଳ ମାଳ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଅଣ୍ଟା ଭିଡିଛନ୍ତି ବଣପାହାଡ ଘେରା କେନ୍ଦୁଝର ଜିଲ୍ଲା ସୀମାନ୍ତ ଘସିପୁରା ବ୍ଲକ ଅଧୀନ ନଣ୍ଡାବର ଗ୍ରାମବାସୀ। ସ୍ଥାନିୟ ଗ୍ରାମର ଉଦ୍ୟମୀ ଯୁବକ ଅଞ୍ଜନ ବେହେରାଙ୍କ ନେତୃତ୍ୱରେ ଅଭିମନ୍ୟୁ ଜେନା, ପପୁନୁ ଜେନା, ଭାସ୍କର ଜେନା, ପ୍ରହଲ୍ଲାଦ ପାତ୍ର, ପ୍ରମୋଦ ଜେନା, ଅଜୟ ଜେନା, ଶ୍ରୀନିବାସ ବାରିକ ସମେତ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆଜି ଘସିପୁରା ବିଡିଓ ମାନସରଞ୍ଜନ ସାମଲ ଏବଂ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ଘସିପୁରାସ୍ଥିତ କାର୍ଯ୍ୟାଳୟରେ ପୃଥକ ଭାବେ ଭେଟି ଗ୍ରାମର ସମସ୍ୟା ବିଷୟରେ ଅବଗତ କରାଇବା ସହ ଏହାର ତ୍ୱରିତ ସମାଧାନ ଦିଗରେ ଲିଖିତ ଦାବିପତ୍ର ଦେବା ସହ ପ୍ରଶାସନର ସହଯୋଗ ଲୋଡିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ମିଳିଲେ ଏସବୁ ସମସ୍ୟା ନିଶ୍ଚିନ୍ତ ସମାଧାନ ହୋଇପାରିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି।

ଗାଁ ସମସ୍ୟା ସମାଧାନ ଦାବି



## ସରକାରୀ ଜମିରେ ନିର୍ମାଣ ଚାଲିଛି ସ୍ଥାୟୀ ପକ୍କାଗୃହ



ଆନନ୍ଦପୁର,୨।୭(ସମିସ): ଆନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ଥିବା ମୂଲ୍ୟବାନ ସରକାରୀ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କରାୟତ କରିନେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଜେଲ୍ ରୋଡର ପେଟ୍ରୋଲ ପମ୍ପ ପଛ ପାଖରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଗତ ଦୁଇବର୍ଷ ହେବ କେତେକ ବ୍ୟକ୍ତି ଜବରଦଖଲ କରି ନେଇଥିବା ଜଣାଯାଇଛି। ଏହି ସରକାରୀ ଜମିରେ ଏବେ ଚତୁଃପାଶ୍ୱର୍ ପାଚେରୀ କରାଯାଇ କରାୟତ କରାଯାଇଥିବା ବେଳେ କେତେକ ବ୍ୟକ୍ତି ସ୍ଥାୟୀ ପକ୍କାଗୃହ ନିର୍ମାଣ କରୁଥିବା ପରିଲକ୍ଷିତ ହୋଇଛି। ଏହି ସରକାରୀ ମୂଲ୍ୟବାନ ଜମିକୁ ପ୍ଲଟିଂ କରାଯାଇ ଡିସିମିଲ୍ ପିଛା ୧ ଲକ୍ଷ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଏବେ ଏହି ସରକାରୀ ଜମିକୁ ଏକ ୨୦ ଫୁଟିଆ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ଚାଲିଥିବା ଜଣାଯାଇଛି। ତେବେ ଏହି ରାସ୍ତା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ଆନନ୍ଦପୁର ପୌରପରିଷଦକୁ ଅନୁଦାନ ଯୋଗାଇ ଦେବା ପାଇଁ ବିଧିବଧ ଯୋଜନା ହେଉଥିବା ଅଭିଯୋଗ ହୋଇଛି। ଏଣୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ପ୍ରଶାସନ ପକ୍ଷରୁ ଏହି ସରକାରୀ ମୂଲ୍ୟବାନ ଜମିକୁ ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ରାସ୍ତା ମଝିରେ ବିଦ୍ୟୁତଖୁଣ୍ଟ

ହାଟଡିହୀ,୨।୭(ସମିସ): ହାଟଡିହୀ ବ୍ଲକ ସ୍ଥିତ ସଙ୍କଟପାଲିଆ ନିକଟ ପୂର୍ତ୍ତବିଭାଗ ରାସ୍ତା ଠାରୁ ନାୟକସାହି ପର୍ଯ୍ୟନ୍ତ ୮୪୦ମି ରାସ୍ତା ପାଇଁ ସରକାର ୧କୋଟି ୧୯ଲକ୍ଷ ୯୫ହଜାର ଟଙ୍କା ଅନୁଦାନ ଯୋଗାଇଥିଲା ବେଳେ ଅନୁଦାନ



ଅନୁଯାୟୀ ରାସ୍ତା କାର୍ଯ୍ୟ ହୋଇନଥିଲା ପରି ମନେହେଉଛି। ଆଦିବାସୀ ଅଞ୍ଚଳରେ ରାସ୍ତା ନିର୍ମାଣରେ ସେମିତି କେହି ପ୍ରତିବାଦ କରିବାକୁ ନଥିବା ଭାବି ସମ୍ପୃକ୍ତ ଠିକାଦାର ମନଇଚ୍ଛା ରାସ୍ତା ନିର୍ମାଣ କରିଦେଇଥିବା ପରିଲକ୍ଷିତ ହୋଇଛି। ରାସ୍ତାର କମ୍ପାକ୍ସନ ପାଇଁ ଆବଶ୍ୟକୀୟ ସାମଗ୍ରୀର ବ୍ୟବହାର ଠିକ୍‌ଠାକ୍ ହୋଇନଥିବା ପରି ମନେହେଉଛି। ଠିକାଦାର ଅଧିକ ମୁନଫା ଆଶାରେ ରାସ୍ତାର ସ୍ଥାୟିତ୍ୱକୁ ଭୁଲି ଅତ୍ୟନ୍ତ ନିମ୍ନମାନର ପିଚୁ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ରାସ୍ତାର କାର୍ଯ୍ୟ ମୋଟାମୋଟି ସରିଯାଇଥିଲା ବେଳେ ଏବେ ରାସ୍ତାଟି ଯେ କେତେଦିନ ତିଷ୍ଠି ରହିବ ତାହା ମୁଖ୍ୟପ୍ରସଙ୍ଗ ସାଜିଛି। ଅପରପକ୍ଷେ ଦେଖିବାକୁ ଗଲେ, ତ୍ରିକୋଣୀୟ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟଟି ସ୍ଥାନୀୟ ଲୋକଙ୍କ ଚଳପ୍ରଚଳରେ ନାନା ସମସ୍ୟା ସୃଷ୍ଟି କରୁଛି। ଏପରିକି ବାଇକ ଆରୋହୀଙ୍କ ପାଇଁ ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏଭଳି ନିମ୍ନମାନର ରାସ୍ତାକାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀ କିପରି ଆଖିବୁଜି ବିଲ ପାସ କଲେ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଆନନ୍ଦପୁର ଉପଜିଲ୍ଲାପାଳ ଏହି ନବନିର୍ମିତ ରାସ୍ତାକାର୍ଯ୍ୟ ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରି ଏହାର କ୍ୱାଲିଟି ଯାଞ୍ଚ କରାଇ ରାସ୍ତାର ସ୍ଥାୟିତ୍ୱ ଉପରେ ନଜର ଦେବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି।

# ନୂଆ ଅପରାଧିକ ଆଇନ ସମ୍ପର୍କିତ ସଚେତନତା

କେନ୍ଦୁଝର,୨।୭(ସମିସ)

କେନ୍ଦୁଝର ଜିଲ୍ଲା କାରାଗାର ଏବଂ ଜିଲ୍ଲା ପରିବିକ୍ଷଣ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା କାରାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା ଯୋଗ ଦେଇ ଦେଶରେ ଲାଗୁ ହୋଇଥିବା ନୂଆ ଅପରାଧିକ ଆଇନ ଏଣିକି ଦଣ୍ଡ ନୁହେଁ ଜନତାଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ କରିବ ବୋଲି କହିଥିଲେ। ଏହା ଲାଗୁ ହେଲେ ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ଅଧିକ ଆସ୍ଥା ବଢିବ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ



ଏହି ୩ ଟି ଆଇନ ଲାଗୁ କରାଯାଇଛି। ଏହା ବିଟ୍ରିଶ ଅମଳର ୩ଟି ଆଇନ ଭାରତୀୟ ପିଙ୍ଗଳ କୋର୍ଡ, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଭାରତୀୟ ପ୍ରମାଣ ଆଇନର ସ୍ଥାନ ନେଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ ଯୋଗଦେଇ ଏହି ନୂତନ ଆଇନ ବ୍ୟବସ୍ଥାରେ ପ୍ରତ୍ୟେକ ପୀଡିତାଙ୍କୁ ସୁନିଶ୍ଚିତ ନ୍ୟାୟ ମିଳିବ, ମହିଳା ଓ ଶିଶୁ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ ନ୍ୟାୟ ପାଇଁ ସଠିକ୍ ସମୟରେ ମାମଲାର ବିଚାର ଏବଂ ଡିଜିଟାଲ ପ୍ରମାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇନଜୀବି ସନ୍ଦିପ ପଟ୍ଟନାୟକ ନୂତନ ଅପରାଧିକ ଆଇନ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ନିଜ ସଭାପତିତ୍ୱ ବକ୍ତବ୍ୟରେ ନ୍ୟାୟ ଏବଂ ନାଗରିକମାନଙ୍କ ମର୍ଯ୍ୟାଦା ପାଇଁ ଏହି ଆଇନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନୂଆ ଅପରାଧିକ ଆଇନ ଜୁଲାଇ ୧ ତାରିଖ ସୋମବାରଠାରୁ କାର୍ଯ୍ୟକାରୀ ହୋଇଥିବାରୁ ଦଣ୍ଡ ସ୍ଥାନରେ ତ୍ୱରିତ ନ୍ୟାୟ ମିଳିବ ବୋଲି କହିଥିଲେ। ଜିଲ୍ଲା ପରିବିକ୍ଷଣ ଅଧିକାରୀ ନିବାସ ପୃଷ୍ଟି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ରଖିଥିଲେ। ଶେଷରେ ଜେଲର ମନସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୬୮ ଜଣ ଜେଲ ଅନ୍ତେବାସୀ ଯୋଗ ଦେଇଥିଲେ।

## ଜରିବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟ

# ୭ ଶ୍ରେଣୀକୁ ୨ ଶ୍ରେଣୀଗୃହ; ୩ ଶିକ୍ଷକ

ଝିଂହପୁର, ୨।୭ (ସମିସ)




ବିଂଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ଜରିବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଓ ଗୃହ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୬୭ ମସିହାରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ୫୭ ବର୍ଷର ବିଦ୍ୟାଳୟ ହୋଇଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି ଏହି ବିଦ୍ୟାଳୟ। ୧୭୦ ଛାତ୍ର ଛାତ୍ରୀ ଦୁଇଟି ଶ୍ରେଣୀ ଗୃହରେ ପଢୁଥିବାବେଳେ ପ୍ରଧାନଶିକ୍ଷକଙ୍କ ସହିତ ୨ ଜଣ ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାଦାନ। ଗୋଟିଏ ଶ୍ରେଣୀ ଗୃହରେ ତିନୋଟି ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଅଧିକ ଶିକ୍ଷକ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ ଅଧିକାରୀଙ୍କ ଅବହେଳା ଯୋଗୁ ଛାତ୍ରଛାତ୍ରୀ ଭବିଷ୍ୟତ ନଷ୍ଟ ହେଉଥିବା ଅବିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ପାଠ ପଢ଼ାଇବା ଦୂରର କଥା ପିଲାକୁ ଜଗିବା କଷ୍ଟକର ହେଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ ବିଂଝାରପୁର ବିଇଓଙ୍କୁ ବାରମ୍ବାର ଅବଗତ କରିଛନ୍ତି ହେଲେ ଶିକ୍ଷକ ସମସ୍ୟା ଦୂର ହେଉନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ତୁରନ୍ତ ଏହି ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ତମାଖୁ ବ୍ୟବସାୟୀଙ୍କ ଉପରେ ଜୋର୍‌ଦାର ଚଢ଼ଉ




**ଯାଜପୁର, ୨।୭ (ସମିସ):** ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ପ୍ରସ୍ତୁତ ଆକ୍ଟ, କୋଟପା ଆଇନ ଅନୁଯାୟୀ ଗତ ଦୁଇଦିନ ଧରି ଲଗାତାର ଏକ ଯାଞ୍ଚକାରୀ ଦଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢଉ କରିଛି। ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଚଣ୍ଡିଖୋଲ ବଜାରରେ ଏହି ଚଢଉ କରାଯାଇଥିଲା। ଏହି ତଦନ୍ତ ଓ ଯାଞ୍ଚକାରୀ ଦଳରେ ଡ୍ରଗ ଇନ୍ସପେକ୍ଟର ସଞ୍ଜୟ କୁମାର ହାଁସଦା, ଫୁଡ୍ ସିକ୍ୟୁରିଟୀ ଅଫିସର ରାଜେଶ କୁମାର ସାହୁ, ସହକାରୀ ପରିଚାଳିକା, ତମ୍ବାଖୁ ନିୟନ୍ତ୍ରଣ ସସ୍ମିତା ରାଉତ, ଧର୍ମଶାଳା ଭାରପ୍ରାପ୍ତ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟ, ବଡ଼ଚଣା ପୁଲିସ କର୍ମଚାରୀଙ୍କ ସମେତ ଚଣ୍ଡିଖୋଲ ଫାଣ୍ଡିର କର୍ମଚାରୀମାନେ ସାମିଲ ହୋଇଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଚଣ୍ଡିଖୋଲ ବଜାରରେ ଥିବା ୬୪ ଗୋଟି ଦୋକାନ ଗୃହ ଉପରେ ଚଢଉ କରି ବେଆଇନ ଭାବେ ବିକ୍ରି କରୁଥିବା ଜାତୀୟ ତମ୍ବାଖୁ ନିୟନ୍ତ୍ରଣ ଆକ୍ଟ ଧାରା ୪ ଓ ୬ ରେ ଜୋରିମାନା ଆଦାୟ କରିଥିଲେ। ସେହିପରି ବୈରୀ ଥାନା ଅଧୀନ ଛତିଆ ବଜାରରେ ଯାଞ୍ଚକାରୀ ଦଳ ମଧ୍ୟ ଚଢ଼ାଉ କରିଥିଲା। ବେଆଇନ ଭାବେ ଗୁଟ୍‌ଖା ବିକୁଥିବା ଦୋକାନମାନଙ୍କରେ ଚଢଉ କରି ଜୋରିମାନା ବାବଦକୁ ୪୨୦୦ ଟଙ୍କା ଆଦାୟ କରିଥିଲେ। ପ୍ରକାଶ ଥାଉକି, ଗୁଟ୍‌ଖା ଖାଇବା ଦ୍ୱାରା ଦିନକୁ ଦିନ ମୁଖ ଗହ୍ୱର କର୍କଟ ରୋଗ ବଢୁଥିବାରୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶମତେ ବ୍ୟାପକ ଜନସଚେତନତା ବୃଦ୍ଧି କରିବା ତଥା ତମାଖୁ ସେବନ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ପାଚେରୀ ନିର୍ମାଣକୁ କେନ୍ଦ୍ରକରି ବିବାଦ

**ଚନ୍ଦ୍ରେଇଧରା, ୨।୭ (ସମିସ):** ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦ୍ୱାରା କରାଯାଉଥିବା ପାଚେରୀ ନିର୍ମାଣକୁ କେନ୍ଦ୍ର କରି ବିବାଦ ଦେଖାଦେଇଛି। ଗୋଟିଏ ପଟେ ଏହା ପୂର୍ବତନ ସରପଞ୍ଚଙ୍କ ବ୍ୟକ୍ତିଗତ ଜମି ବୋଲି କୁହାଯାଉଥିବା ବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶିବିରରେ ଅଭିଯୋଗ କରାଯାଇଛି। ଧର୍ମଶାଳା ବ୍ଲକ ଜାତୀୟ ରାଜପଥକୁ ପୂର୍ବତନ ସରପଞ୍ଚ ଦିଲୀପ ବେହେରାଙ୍କ ଅଫିସ ପାର୍ଶ୍ୱ ଦେଇ ଯାତାୟାତ କରିଥାଆନ୍ତି। ମାତ୍ର ଦିଲୀପ ବେହେରାଙ୍କ ବ୍ୟକ୍ତିଗତ ସମସ୍ୟା ହେତୁ ଉକ୍ତ ରାସ୍ତାରେ ପାଚେରୀ ନିର୍ମାଣ ନିମିତ୍ତ କାର୍ଯ୍ୟା ଆରମ୍ଭ କରିଛନ୍ତି। ତେବେ ଉକ୍ତ ପାଚେରୀକୁ ଭିତ୍ତିକରି ଗ୍ରାମର କିଛି ବ୍ୟକ୍ତି ବିରୋଧ କରି ଗତ ଦୁଇଦିନ ପୂର୍ବେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ



ପାଖର ପଞ୍ଚାୟତ ମାଣ୍ଡିଆ ଗ୍ରାମର କିଛି ବ୍ୟକ୍ତି ପୂର୍ବତନ ସରପଞ୍ଚଙ୍କୁ ବଦନାମ କରିବା ପାଇଁ ଏଭଳି ମିଥ୍ୟା ଅଭିଯୋଗ ଆଣୁଥିବା କେତେକ ଗ୍ରାମାବାସୀ ଯୁକ୍ତି ବାଢ଼ିଛନ୍ତି। ଆଜି ମାଣ୍ଡିଆ ଗ୍ରାମର ଶତାଧିକ ପୁରୁଷ ମହିଳା ଏହାକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ ମାଣ୍ଡିଆ ଓ ତେଲର ଗ୍ରାମବାସୀମାନେ ୫୩ ନମ୍ବର ଆପତି କରିବା ସହିତ ଗଣମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ଏହା ସମ୍ପୂର୍ଣ୍ଣ ମିଛ କଥା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁମାନେ ପୂର୍ବତନ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ସେମାନେ ଉକ୍ତ ଜମିର ଖର୍ଦ୍ଦିବେଳେ ସାକ୍ଷୀ ପଡ଼ିଥିବା ଜଣାପଡ଼ିଛି।

# ରଣପୁର ପଞ୍ଚାୟତରେ ବୟସ୍କଙ୍କୁ ମିଳୁନି ଭତ୍ତା



**ବିଞ୍ଝାରପୁର, ୨।୭ (ସମିସ):** ବିଞ୍ଝାରପୁର ବ୍ଲକରେ ଭତ୍ତା ହିତାଧିକାରୀମାନଙ୍କ ଟଙ୍କାକୁ ବିଭାଗୀୟ ଅଧିକାରୀ ବ୍ୟକ୍ତିଗତ କାମରେ ଲଗାଇଦେଇ ଭତ୍ତା ଉପରେ ନିର୍ଭର କରୁଥିବା ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ବିଧବାମାନଙ୍କ ସହ ଖେଳ ଖେଳୁଛନ୍ତି ବୋଲି ରଣପୁର ପଞ୍ଚାୟତର ଶତାଧିକ ବୃଦ୍ଧବୃଦ୍ଧାମାନେ ଆଜି ପଞ୍ଚାୟତ ଅଫିସ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନିୟମ ଅନୁଯାୟୀ ପ୍ରତିମାସର ୧୫ ତାରିଖ ଦିନ ହିତାଧିକାରୀମାନେ ସେମାନଙ୍କର ଭତ୍ତା ପାଇଥାନ୍ତି। ରଣପୁର ପଞ୍ଚାୟତରେ ଭତ୍ତା ବଣ୍ଟନ କରୁଥିବା ପିଇଓ ତାଙ୍କର ସୁବିଧା ପାଇଁ ଲୋକମାନଙ୍କୁ ପଞ୍ଚାୟତ ଅଫିସ ସମସ୍ତଙ୍କୁ ନଡାକି ବିଭିନ୍ନ ସାହି ବସ୍ତି ମାନଙ୍କୁ ଯାଇ ଭତା ବାଣ୍ଟି ଆସୁଥିଲେ। ଜୁନ ମାସ ଓଡ଼ିଶାର ଗଣପର୍ବ ରଜ ପାଇଁ ବୃଦ୍ଧାବୃଦ୍ଧାମାନେ ଭତ୍ତା ଗଣ୍ଡାକ ପାଇବା ପାଇଁ ଉଦ୍‌ବେଗର ସହିତ ଅପେକ୍ଷା କରିଥିବା ବେଳେ ପିଇଓ ମହୋଦୟ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଭତ୍ତା ବାଣ୍ଟିଥିଲେ। ଶତାଧିକ ହିତାଧିକାରୀ ଭତ୍ତା ପାଇ ନଥିବା ବେଳେ ପିଇଓ କାର୍ଯ୍ୟାଳୟକୁ ନଆସି ଅପେକ୍ଷା କରିଥାନ୍ତୁ ମୁଁ ଟଙ୍କା ନେଇ ଯାଇ ପହଞ୍ଚୁଛି ବୋଲି ବାରମ୍ବାର ଲୋକ ମାନଙ୍କୁ ଭଣ୍ଡାଇ ଚାଲିଛନ୍ତି। ଲୋକମାନେ ଭତ୍ତା ପାଇବା ପାଇଁ ଅନେଇ ବସିଛନ୍ତି। ମାତ୍ର ପିଇଓଙ୍କର ଦେଖା ମିଳୁନାହିଁ। ରଣପୁର ପଞ୍ଚାୟତର ପିଇଓଙ୍କ ସହିତ ଯୋଗାଯୋଗ କଲାପରେ ସେ କହିଥିଲେ ଯେ ବ୍ଲକ ଅଫିସ ତାଙ୍କୁ ଯେତିକି ଟଙ୍କା ଦେଇଥିଲା ତାହାକୁ ସେ ବାଣ୍ଟି ସାରିଛନ୍ତି। ଅବଶିଷ୍ଟ ହିତାଧିକାରୀଙ୍କ ପାଇଁ ତାଙ୍କ ପାଖରେ ଆଉ ଟଙ୍କା ବଳକା ନାହିଁ। ତେଣୁ ସେମାନେ ଆସନ୍ତା ମାସରେ ପାଇବେ ବୋଲି ସେ କହିଛନ୍ତି। ଲୋକ ମାନଙ୍କୁ ମିଛ କହି କାହିଁକି ବାରମ୍ବାର ଅପେକ୍ଷାରେ କରାଉଛନ୍ତି ବୋଲି ପଚାରିଲାରୁ ସେ ଏହି ପ୍ରଶ୍ନର ଉତ୍ତର ଦେଇ ପାରି ନଥିଲେ। ତେବେ ଅସହାୟ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ, ବିଧବାମାନେ ଔଷଧ ଟିକେ, କ୍ଷୀର ଟୋପାଏ ବା ଚାହା, ଜଳଖିଆ ପାଇଁ ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବାବେଳେ ବିଞ୍ଝାରପୁର ବ୍ଲକ ପ୍ରଶାସନର ସାମନ୍ତବାଦୀ ନୀତି ପାଇଁ ସେମାନଙ୍କୁ ଅଯଥା ହଇରାଣ ହରକତ ହେବାକୁ ପଡ଼ିଛି। ସୂଚନା ଯୋଗ୍ୟ ଯେ, କେତେକ ଭତାଧାରୀ କହନ୍ତି ଯେ ଭତ୍ତା ଟଙ୍କାକୁ ବ୍ୟକ୍ତିଗତ କାମରେ ଲଗାଯାଇଛି କି ନାହିଁ ଜିଲ୍ଲାପାଳ ଏହାର ତଦନ୍ତ କରନ୍ତୁ।

# ଯାଜପୁର ସାଂସଦ ପ୍ରାର୍ଥୀଙ୍କ ଆବେଦନ ହାଇକୋର୍ଟରେ ଖାରଜ

**କଟକ, ୨।୭ (ସମିସ):** ନିର୍ବାଚନ ଅଧିକାରୀଙ୍କଠାରୁ ଆବଶ୍ୟକ ଦସ୍ତାବିଜ ତଥା ଫର୍ମ୧୭ ଓ ଫର୍ମ ୨୦ର କପି ପ୍ରଦାନ କରାନଯିବାକୁ ବିରୋଧ କରି ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଯାଜପୁର ସଂସଦୀୟ କ୍ଷେତ୍ରରେ ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ବିଜେଡି ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ କେ.ଆର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ନିର୍ବାଚନ ପିଟିସନ ରୁଜୁ କରିବା ପାଇଁ ଧାର୍ଯ୍ୟ ଅବଧି ଶେଷ ହୋଇନାହିଁ, ଏଣୁ ଏଭଳିସ୍ଥଳେ ଷ୍ଟ୍ରଙ୍ଗରୁମରେ ସିଲ ଥିବା ଏହି ଫର୍ମ କପି ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା ଠିକ ହେବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଉପରୋକ୍ତ ଦସ୍ତାବିଜ୍ ବିନା ନିର୍ବାଚନୀ ମାମଲା ଦାୟର କରିବାରେ ଆବେଦନକାରୀଙ୍କ ପାଇଁ ପ୍ରତିବନ୍ଧକ ମଧ୍ୟ ନାହିଁ। ଏଣୁ ହାଇକୋର୍ଟ ଉପରୋକ୍ତ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

**ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆବଶ୍ୟକ ଦସ୍ତାବିଜର କପି ନମିଳିବା ପ୍ରସଙ୍ଗ**

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପ୍ରାକ୍ତନ ସାଂସଦ ତଥା ଚଳିତ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଥିଲେ। ଆବେଦନକାରୀଙ୍କ ନିର୍ବାଚନ ଏଜେଣ୍ଟଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଫର୍ମ୧୭ଓ ଫର୍ମ ୨୦ର କପି ପାଇଁ ଆବେଦନ କରାଯାଇଥିଲା। ଫର୍ମ ୨୦ ପାଇଁ ପ୍ରତି ପୃଷ୍ଠା ପିଛା ୨ଟଙ୍କା ପଇଠ କରିବାକୁ ପଡ଼ିବ ବୋଲି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଗତ ଜୁନ୍ ୧୦ରେ ଚିଠି ଜରିଆରେ ଜଣାଇଥିଲେ। ତେବେ ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କଭରରେ ଥିବା ଫର୍ମ ୧୭ସିକୁ ପ୍ରଦାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତ୍ୟାଖ୍ୟାନ କରିଥିଲେ। ଆବଶ୍ୟକ ଦସ୍ତାବିଜ ଦିଆଯାଉନଥିବାରୁ ନିର୍ବାଚନୀ ମାମଲା ଦାୟର କରିପାରୁନଥିବା ଦର୍ଶାଇ ସାଂସଦ ପ୍ରାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଦସ୍ତାବିଜ୍ ସଂଲଗ୍ନ ନକରି ନିର୍ବାଚନୀ ପିଟିସନ ଦାୟର କରାଯାଇପାରିବ ବୋଲି ପ୍ରତିପକ୍ଷଙ୍କ ଓକିଲ ଦର୍ଶାଇଥିଲେ।

# ଚଣ୍ଡିଖୋଲ କୋର୍ଟର ୨ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବଡଚଣା, ୨।୭ (ସମିସ):** ଚଣ୍ଡିଖୋଲ କୋର୍ଟର ଦୁଇ ବିଚାରପତି ସବ୍-ଜଜ୍ ବିଶ୍ୱଦୀପକ ସାହୁ ସମ୍ବଲପୁର ଏସଡ଼ିଜେଏମରୁ ଓ ଜେଏମଏଫସି ସୁଶ୍ରୀ ସ୍ମୃତି ଅଭିଲାଶା ସୁନ୍ଦରଗଡ଼ ଜେଏମ୍‌ଏଫସିରୁ ବଦଳି ହୋଇ ଏଠାରେ ନୂତନ ଭାବେ ଯୋଗ ଦେଇଥିବାରୁ ଚଣ୍ଡିଖୋଲ କୋର୍ଟ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଶିରିଷ କୁମାର ସାମଲ, କୋଷାଧ୍ୟକ୍ଷ ଚିନ୍ମୟ କୁମାର ପ୍ରତାପ, ଆଇନଜୀବୀ ଶରତ କୁମାର ଷଡଙ୍ଗୀ, ପ୍ରତାପ କୁମାର ଦାସ, ଜନ୍ ବେହେରା, ଶରତ ଚନ୍ଦ୍ର ବଳ,




ବାର ଆସୋସିଏସନ ତରଫରୁ ବାର ହଲ ପରିସରରେ ଉଭୟଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବିଚାରପତିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ଉଭୟ ବାର୍ ବେଞ୍ଚ ମଧ୍ୟରେ ସହଯୋଗ ଓ ସମନ୍ୱୟ କାମନା କରିଥିଲେ। ଆସୋସିଏସନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜେଏମ୍‌ଏଫ୍‌ସି ପରବୀନ ମଣ୍ଡଳ ଯୋଗଦେଇଥିଲେ। ସୁରେଶ ଚନ୍ଦ୍ର ପଣ୍ଡା, କୈଳାଶ ଚନ୍ଦ୍ର ସାମଲ, ପୁରୁଷୋତ୍ତମ ନାୟକ, ପ୍ରେମାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୋର୍ଟ ମୋହରି ସଂଘ ଓ ଭେଣ୍ଡର ସଂଘ ନୂତନ ବିଚାରପତି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଶ୍ରୀକାନ୍ତ କୁମାର ବଳ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ସାପ୍ତାହିକ ବନ ମହୋତ୍ସବ କାର୍ଯ୍ୟକ୍ରମରେ ସମସ୍ତ ବିଚାରପତି ଯୋଗଦେଇ କୋର୍ଟ ପରିସରରେ ବୃକ୍ଷରୋପଣ କରିଥିଲେ।

# ମୁକୁନ୍ଦ ବିଦ୍ୟାପୀଠ ଆଗରୁ କଟାଗଲା ଅନାବନା ଗଛଲତା




**କବାଟବନ୍ଧ, ୨।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତସ୍ଥ ମୁକୁନ୍ଦ ବିଦ୍ୟାପୀଠ ନିକଟରେ ଅନାବନା ଗଛଲତା ବଢ଼ି ଅସୁରକ୍ଷିତ ପରିବେଶ ସୃଷ୍ଟି ହୋଇଥିଲା। ପାଚେରୀର ଗୋଟିଏ ପାର୍ଶ୍ୱ ସ୍କୁଲ ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱଟି ଜୀବଜନ୍ତୁ, ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଏହି ସ୍ଥାନରେ ବିଭିନ୍ନ ଭୟଙ୍କର ସରୀସୃପ ମଧ୍ୟ ଦେଖା ଯାଉଥିଲେ। ପାଚେରୀ ଅତିକ୍ରମ କରି ସରୀସୃପ ମାନେ ସ୍କୁଲ ଭିତରକୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ଥିଲା। ଯାହାକି କୁନି କୁନି ଛାତ୍ରଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଥିଲା। ଏ ନେଇ ଦୈନିକ 'ସକାଳ'ରେ ଆଜି ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ଶିକ୍ଷା ଅଧିକାରୀଣୀ ନିବେଦିତା ପାଣି ଏହାକୁ ଗୁରୁତର ଭାବେ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଖବର ପ୍ରକାଶ ପାଇବାର ୫ ଘଣ୍ଟା ମଧ୍ୟରେ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲ ସମ୍ମୁଖରେ ଥିବା ଅନାବନା ଗଛକୁ କାଟି ସଫା କରିଥିଲେ। ଯାହାକୁ ନେଇ ଅଭିଭାବକ ଏକ ସ୍ଥାନୀୟ ଜନସାଧାରଣମାନେ ଖୁସିବ୍ୟକ୍ତ କରିଛନ୍ତି।

## ରାସ୍ତା କଡ଼ରେ ପିଟିହେଲା ବାଇକ୍; ଜଣେ ଗୁରୁତର

**ପାଣିକୋଇଲି, ୨।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସାହାପୁର ନିକଟରେ ଆଜି ଅପରାହ୍ନରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ପାଣିକୋଇଲି ପଟୁ କୁଆଖିଆକୁ ଏକ ବାଇକରେ ଜଣେ ଯୁବକ ଯାଉଥିବା ବେଳେ ସାହାପୁର ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ ବାଡାରେ ପିଟି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ମଧୁବନ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସଂଜ୍ଞାହୀନ ଥିବାରୁ ପରିଚୟ ମିଳିପାରିନାହିଁ।

# ଚାନ୍ଦପୁରରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପାଣିକୋଇଲି, ୨।୭ (ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି (ଚାନ୍ଦପୁର) ଗ୍ରାମରେ ଆଜି ସନ୍ଧ୍ୟାରେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚାନ୍ଦପୁର ଲକ୍ଷ୍ମୀମଣ୍ଡପ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜହର ଅଲ୍ଲୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳ୍ପତରୁ ମହାପାତ୍ର, ପ୍ରକାଶ ଧଳ, ପ୍ରମୋଦ ସାହୁ, ରବୀନ୍ଦ୍ର ପଣ୍ଡା, ନିରଞ୍ଜନ ନାୟକ, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀ ଦାସ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜନସାଧାରଣଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଚାନ୍ଦପୁର ଗ୍ରାମର




ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପାଣି ଓ ଡ୍ରେନ ସମସ୍ୟାର ସମାଧାନ, ଖେଳ ପଡ଼ିଆର ଉନ୍ନତୀ କରଣ, ହନୁମାନ ଓ ମା ମଂଗଳା ପୀଠର ଉନ୍ନତୀ କରଣ ପାଇଁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବ୍ରହ୍ମବରଦା ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ବ୍ରହ୍ମବରଦା, ୨।୭ (ସମିସ):** ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ରହ୍ମବରଦା ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପୂଜା କମିଟିର ଆବାହକ ସୁକାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ, ରଥ ଉପରକୁ ଗମନ, ରଥଟଣାର ମୁହୂର୍ତ୍ତ, ମାଉସୀ ମା'ଙ୍କ ମନ୍ଦିର ନିକଟରେ ରହଣି ସ୍ଥଳ ଓ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ବିଷୟରେ ଆଲୋଚନା ହୋଇଥିଲା। ଉପସ୍ଥିତ ସଭ୍ୟମାନେ ରଥ ଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ହେବ ସେ ବିଷୟରେ ଆଲୋଚନା କରଯାଇଥିଲା। ତା ସହିତ ରଥଟଣା ସମୟରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିବା ଓ ଆଇନ ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନର ସହାୟତା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୁରୋହିତ ନିଶିକାନ୍ତ ପାଢ଼ୀ, ବଳରାମ ପାଢ଼ୀ, ରତିକାନ୍ତ ପାଢ଼ୀ, ଉପଦେଷ୍ଟା ପବିତ୍ର ବିଶ୍ୱାଳ, ଗ୍ରାମର ବରିଷ୍ଠ ସଭ୍ୟ ଚିନ୍ତାମଣି ରାଉତ, ବିଷ୍ଣୁଚରଣ ଓଝା, ଅତୁଲ୍ୟ ରାଉତ, ଶୁଭେନ୍ଦୁ ବିଶ୍ୱାଳ, କାର୍ତିକ ଓଝା, ଉମେଶ ଚନ୍ଦ୍ର ବଟ, ସଂଗ୍ରାମ ମହାନ୍ତି, ନିତ୍ୟାନନ୍ଦ ରାଉତ, ସୁକାନ୍ତ ପାଢ଼ୀ, ବାବୁଲି ପାଢ଼ୀ, ପଙ୍କଜ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ବୁଲୁ ବିଶ୍ୱାଳ, ଚିଚିନ ଓଝା ଙ୍କ ସମେତ ପୂଜା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା, ୨।୭ (ସମିସ):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ରଥିଆ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ସ୍ଥାନୀୟ ଉତ୍ତରଶାସନ ଗ୍ରାମର ଅକ୍ଷୟ ବାରିକଙ୍କ ପତ୍ନୀ କେତକୀ(୫୭)। ଗତକାଲି କେତକୀ ତାଙ୍କ ଜ୍ୱାଇଁ ଅମରେନ୍ଦ୍ର ସ୍ୱାଇଁଙ୍କ ସହ ବାଇକରେ ଘରକୁ ଫେରୁଥିବା ବେଳେ ସନ୍ଧ୍ୟା ପ୍ରାୟ ୭ଟାରେ ରଥିଆ ନିକଟରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା। ଫଳରେ କେତକୀ ଗୁରୁତର ଆହତ ହୋଇଥିବାବେଳେ ଜ୍ୱାଇଁ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କେତକୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କୋରେଇ ବିଧାନସଭା ଉନ୍ନୟନ କମିଟି ସଭା ଅନୁଷ୍ଠିତ

# ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ବ୍ୟାସନଗର, ୨।୭ (ସମିସ)



ମଙ୍ଗଳବାର କୋରେଇ ବିଧାନସଭା ଉନ୍ନୟନ କମିଟି ସଭା ବ୍ୟାସନଗର ପୌରପରିଷଦ ଅର୍ନ୍ତଗତ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ନୟନ କମିଟି ସଭା ବା ସମୀକ୍ଷା ବୈଠକରେ କୋରେଇର ନିର୍ବାଚିତ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। କୋରେଇ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ସମସ୍ତ ପଞ୍ଚାୟତ ଏବଂ ପୌରପରିଷଦରେ କିଭଳି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ଏନେଇ କଣ ପ୍ରତିବନ୍ଧକ ରହୁଛି ସେନେଇ ବିଧାୟକ ଶ୍ରୀ ଦାସନାୟକ ବିଭାଗୀୟ ଅଧିକାରୀଙ୍କ ଠାରୁ ମତାମତ ଲୋଡିଥିଲେ। ବିଶେଷକରି ବ୍ୟାସନଗରର ବିଭିନ୍ନ ଅଞ୍ଚଳ, କୋରେଇର ୨୮ ପଞ୍ଚାୟତ ଏବଂ ରସୁଲପୁରର ୯ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ଉପରେ ଦୀର୍ଘ ୩.୩୦ ଘଣ୍ଟା ଧରି ଆଲୋଚନା ହୋଇଥିଲା। ବ୍ୟାସନଗରରେ ଥିବା ବ୍ୟାସନଗର ପୌରପରିଷଦର ପାଣ୍ଠି ବଢ଼ାଇବା ନିମନ୍ତେ ବ୍ୟାସଦେବ ଟାଉନ ହଲ ଏବଂ ବ୍ୟାସଦେବ ସଂସ୍କୃତି ଭବନକୁ ପୌରପରିଷଦକୁ ହସ୍ତାନ୍ତର ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳରେ ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ୱାଟକୋ ଏବଂ ଆରଡବ୍ଲୁ ଏସଏସ, ବିଦ୍ୟୁତ ସମସ୍ୟା ପାଇଁ ଟାଟା ପାୱାର ନିଜ ଦାୟିତ୍ୱ ସଠିକ ଭାବେ ସମାପନ କରିବାକୁ ବିଭିନ୍ନ ଜନପ୍ରତିନିଧିମାନେ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ବିଦ୍ୟାଳୟ, ମାଇନିଂ ସମେତ ବିଭିନ୍ନ ବିଭାଗର ପଦାଧିକାରଙ୍କ ସମେତ ୨ ବ୍ଲକ ଏବଂ ପୌରପରିଷଦର ଅଧିକାରୀମାନେ ଯୋଗଦେଇଥିଲେ।

# କଳିଙ୍ଗନଗରରେ ନାଭାଲ ଟାଟା ହକି ଏଚ୍‌ପିସି ନୂଆ ଗ୍ରାସରୁଟ୍ ସେଣ୍ଟର

## ୧୩ ଜିଲ୍ଲାର ୩୧ଟି ଗ୍ରାସରୁଟ୍ ସେଣ୍ଟର ସହିତ ୩୫୦୦ରୁ ଅଧିକ ଖେଳାଳି ଜଡିତ



ଦାନଗଦୀ,୨।୭ (ସମିସ)

ଯାଜପୁର ଜିଲ୍ଲା ଡୁବୁରି ନିକଟସ୍ଥ ଗୋବରଘାଟି ଏସ୍‌ଏସ୍‌ଡି ହାଇସ୍କୁଲରେ ମଙ୍ଗଳବାର ଓଡ଼ିଶା ନାଭାଲ ଟାଟା ହକି ହାଇପରଫରମାନ୍ସ ସେଣ୍ଟରର ୩୧ତମ ଗ୍ରାସରୁଟ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ତୃଣମୂଳସ୍ତରରେ ହକି ପ୍ରତିଭା ସୃଷ୍ଟି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଉଦ୍‌ଘାଟନୀ ଉତ୍ସବରେ ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସକେ)ର ଉପାଧ୍ୟକ୍ଷ ରାଜୀବ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ର ଏମ୍‌ଡି ଓ ସିଇଓ ସୁଧୀର କୁମାର ମେହେଟ୍ଟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଟିଏସକେର ଉପାଧ୍ୟକ୍ଷ (ଅପରେସନ୍) ରାଜୀବ କୁମାର କହିଛନ୍ତି ଯେ ଗ୍ରାମାଞ୍ଚଳରେ ହକିକୁ ପ୍ରୋତ୍ସାହିତ କରିବାକୁ ଏହି ପଦକ୍ଷେପର ଅଂଶ ହୋଇ ଆମେ ଗର୍ବିତ। ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ହକି ପ୍ରତି ଯେଉଁ ଉତ୍ସାହ ରହିଛି, ତାହା ଅତୁଳନୀୟ। ଖେଳାଳିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ଏହି ଗ୍ରାସରୁଟ୍ ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଅଧିକରୁ ଅଧିକ ଖେଳାଳି ଏହି ସେଣ୍ଟରରୁ ଉପକୃତ ହୋଇପାରିବେ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱରର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଟାଟା ଷ୍ଟିଲର କ୍ରୀଡ଼ା (ଓଡ଼ିଶା) ମୁଖ୍ୟ ରାଜୀବ ସେଠ ତାଙ୍କ ଅଭିଭାଷଣରେ କହିଲେ, ଆଗାମୀ ଦିନରେ ଅଧିକ ଖେଳାଳିଙ୍କୁ ରାଜ୍ୟ ସରକାର ଏବଂ ହକି ଏଚ୍‌ପିସିର କ୍ରୀଡ଼ା ହଷ୍ଟେଲକୁ ଆଣିବା ଆମର ଲକ୍ଷ୍ୟ। ଏହି ଗ୍ରାସରୁଟ୍ ସେଣ୍ଟରରୁ ଖେଳାଳିମାନେ ସିଧାସଳଖ ହକି ହାଇପରଫରମାନ୍ସ ସେଣ୍ଟରକୁ ପ୍ରବେଶ କରିପାରିବେ। ଆଗାମୀ ଦିନରେ ଏହି ଗ୍ରାସରୁଟ୍ ସେଣ୍ଟରରୁ ଭବିଷ୍ୟତର ଅନେକ ହକି ଖେଳାଳି ବାହାରିବେ ବୋଲି କହିଥିଲେ। ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ଟିଏସକେର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି, ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଳ ଚୌଧୁରୀ, ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନ ସଭାପତି ରବୀନ୍ଦ୍ର ଜାମୁଡା ଓ ଉପାଧ୍ୟକ୍ଷ ଜୟରାମ ମହାନ୍ତ, ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ସମେତ ଟାଟା ଷ୍ଟିଲ କଳିଙ୍ଗନଗର, ଟାଟା ଷ୍ଟିଲ ଫାଉଣ୍ଡେସନର ଅନ୍ୟ ବରିଷ୍ଠ ଅଧିକାରୀ, ଏନ୍‌ଆଇଏନ୍‌ଏଲ୍‌ର ବରିଷ୍ଠ ଅଧିକାରୀ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର ଶ୍ରମିକ ସଂଘର ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ନାଭାଲ ଟାଟା ହକି ଏଚପିସି ଟାଟା ଷ୍ଟିଲ ଏବଂ ଟାଟା ଟ୍ରଷ୍ଟ, ଓଡ଼ିଶା ସରକାରଙ୍କ ସହଭାଗିତାରେ ୨୦୧୯ ରେ ଆରମ୍ଭ ହୋଇଥିବା ଏକ ଭଲ ପଦକ୍ଷେପ। ଏହା ଓଡ଼ିଶାର ୧୩ଟି ଜିଲ୍ଲାର ୩୧ଟି ଗ୍ରାସରୁଟ୍ ସେଣ୍ଟରରୁ ୬୧ ଜଣ ଅଭିଜ୍ଞ ପ୍ରଶିକ୍ଷକଙ୍କ ସହାୟତାରେ ବାଳିକା ଓ ବାଳକ ବର୍ଗରେ ୧୭ ବର୍ଷରୁ କମ୍ ବୟସ ବର୍ଗର ୩୫୦୦ରୁ ଅଧିକ ଯୁବ ଖେଳାଳିଙ୍କ ସହିତ ଯୋଡି ହୋଇ ରହିଛି। ତୃଣମୂଳସ୍ତରର ଏହି କାର୍ଯ୍ୟକ୍ରମ ୬୦:୪୦ ଲିଙ୍ଗ ଅନୁପାତ ବଜାୟ ରଖି ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ତଥା ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପାଇଁ ଗୌରବ ଆଣିପାରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦ୍ୱାରା ପ୍ରଶିକ୍ଷିତ ୬୦ ଜଣ ବୈଷୟିକ ଅଧିକାରୀ ଏବେ ରାଜ୍ୟସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେତେକ ଜାତୀୟସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜନ କରୁଛନ୍ତି।

## ବୁଲେଟ ତଳେ ପଶିଗଲା କୁକୁର; ୨ ଆହତ

**ପାଣିକୋଇଲି,୨।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବଡତ୍ରିଲୋଚନପୁର ନିକଟରେ ଏକ କୁକୁର ପଶି ଯିବାରୁ ବୁଲେଟ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ ଯାଜପୁରରୋଡ ଥାନା ଅନ୍ତର୍ଗତ ଭିକିପୁର ଗ୍ରାମର ଦେବୀ ପ୍ରସାଦ ସାମଲ ଓ ପ୍ରମୋଦ କୁମାର ସାହୁ ଆଜି ମଧ୍ୟାହ୍ନ ସମୟରେ ଏକ ବୁଲେଟରେ ଯାଜପୁରରୋଡରୁ କଟକ ଅଭିମୁଖେ ଯାଉଥିବା ସମୟରେ ବଡତ୍ରିଲୋଚନପୁର ଗ୍ରାମ ନିକଟରେ ହଠାତ ଏକ କୁକୁର ବାଇକ ଆଗକୁ ଆସିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ବୁଲେଟ ଆରୋହୀ ଓ ସହଯାତ୍ରୀ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଜାତୀୟ ରାଜପଥ ପେଟ୍ରୋଲିଂ ଗାଡି ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ ଦେବୀ ପ୍ରସାଦର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ବାଲିଆ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ବରୀ,୨।୭ (ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡକ୍ଟର ଜିତେନ୍ଦ୍ର କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡକ୍ଟର ଦାଶ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଅଧ୍ୟକ୍ଷଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଅଧ୍ୟକ୍ଷ ଥିବା ପ୍ରଫେସର ମଳୟ କୁମାର ଜେନା ଗତ ରବିବାର ଦିନ ଅବସର ନେବା ପରେ ସଂସ୍କୃତ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର ଜିତେନ୍ଦ୍ର କୁମାର ଦାଶ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ପ୍ରାଚୀର ପତ୍ରିକା 'ପରସ' ଉନ୍ମୋଚିତ



**ବଡ଼ଚଣା, ୨।୭ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ପରସ'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ମୋଚକ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଳା ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ, ପ୍ରଜ୍ଞା ଶକ୍ତିର ଉଦ୍ରେକ ହେବା ସହିତ ସେମାନେ ଗପ, କବିତା ଲେଖିବା ପ୍ରତି ଅକୃଷ୍ଟ ହେବେ ବୋଲି କହିବା ସହିତ ଛାତ୍ରଛାତ୍ରୀଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ପ୍ରୀତମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଇପସିତା ସାହୁ, ଶୁଭଶ୍ରୀ ସାହୁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ନାରାୟଣ ଚନ୍ଦ୍ର ମୁଦୁଲି, ଦୀପକ କୁମାର ବରାଳ, ଭାଗ୍ୟଧର ନାୟକ, ଶମ୍ଭୁନାଥ ହେମ୍ବ୍ରମ, କିଶୋର କୁମାର ସାହୁ, ସାମୁଏଲ ଲିମା, ଦୀପକ କୁମାର ଦାସ, ଅଧ୍ୟାପିକା ଡଃ ଅମ୍ବିକା ତ୍ରିପାଠୀ, ରଞ୍ଜିତା ସ୍ୱାଇଁ, ନିରୂପମା ସ୍ୱାଇଁ, ସନାତନ ନାୟକ, ଅକ୍ଷୟ କୁମାର ରାଉତରାୟ, ପ୍ରସନ୍ନଜିତ ସାମଲ, ବଗୁଲି ବାରିକ ପ୍ରମୁଖ ସହଯୋଗ କରିଥିଲେ। ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଅପରାଧିକ ଆଇନ ସଚେତନତା ଶିବିର



ଯାଜପୁର ଟାଉନ,୨।୭ (ସମିସ): ଆଜିଠୁ ସାରା ଦେଶରେ ଲାଗୁ ହୋଇଛି ନୂତନ ଅପରାଧିକ ଆଇନ। ଏହି ଅବସରରେ ଯାଜପୁର ଟାଉନ ଥାନା ପରିସରରେ ନୂତନ ଅପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଆହ୍ୱାନ କ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ସତ୍ୟବ୍ରତ ଲେଙ୍କା, ରାଜ୍ୟ ଆଇନ ସେବା ପରିଷଦର ଉପସଭାପତି ତଥା ସରକାରୀ ଓକିଲ ରାଜୀବ ମହାନ୍ତି, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା , ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଟାଉନ୍ ଅଞ୍ଚଳ ର ବୁଦ୍ଧିଜୀବୀଙ୍କ ସହିତ ବିଭିନ୍ନ ଶ୍ରେଣୀରେ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତାରେ କେଉଁ କେଉଁ ଧାରା ପରିବର୍ତ୍ତନ ହୋଇଛି ସେହି ପ୍ରସଙ୍ଗରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଥିଲେ।

## ଜାତୀୟ ଚିକିତ୍ସକ ଦିବସ ପାଳିତ




**ବରୀ,୨।୭ (ସମିସ):** ଚିକିତ୍ସକ ହେଉଛନ୍ତି ଭଗବାନଙ୍କ ଅନ୍ୟଏକ ରୂପ। ପ୍ରକୃତ ଚିକିତ୍ସକ ଜଣେ ରୋଗୀ ପାଇଁ ଜୀବନଦାତା ଓ ଭଗବାନ ସଦୃଶ। ଏହି ସଚେତନତା ବାର୍ତ୍ତାକୁ ଜନମାନସରେ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦସ୍ଥ ଚତରଠାରେ ଯୁଧିଷ୍ଠିର ତ୍ରିପାଠୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଓ କମଳା ହୋମିଓ ସେବା ସଦନ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଜନନାୟକ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭେଷଜ ଚିକିତ୍ସା ବିଜ୍ଞାନର ପ୍ରବର୍ତ୍ତକ ଭାରତରତ୍ନ ଡ. ବିଧାନ ଚନ୍ଦ୍ର ରାୟଙ୍କ ୧୪୨ତମ ଜୟନ୍ତୀ ଓ ଜାତୀୟ ଚିକିତ୍ସକ ଦିବସ ଟ୍ରଷ୍ଟର ସଭା ଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଗୟାଧର ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବିଧାନଚନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅମ୍ଳାନ ଆତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା ଓ ଭଗବତ ଗୀତା ପାଠ ମାଧ୍ୟମରେ ଜୟନ୍ତୀ ସମାରୋହ ଆରମ୍ଭ କରାଯାଇଥିଲା। ଏ ଅବସରରେ ଅନିୟମିତତା ଦିନଚର୍ଯ୍ୟା, ପରିବେଶ ପ୍ରଦୂଷଣ, ଜଳ ପ୍ରଦୂଷଣ, ଭୂତଳ ଜଳର ଅଭାବ, କୃତ୍ରିମ ଓ ତତ୍କାଳୀକ ଖାଦ୍ୟ କେଉଁ ଭଳି ଭାବେ ଦୁର୍ବିସହ ରୋଗ ସୃଷ୍ଟି କରିଥାଏ, ସେ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ଡାକ୍ତର ବିଶ୍ୱନାଥ ତ୍ରିପାଠୀ ଯୋଗଦେଇ କେଉଁଭଳି ଭାବେ ଯୋଗ ପ୍ରାଣାୟମ, ପ୍ରାକୃତିକ, ସାତ୍ୱିକ ଆହାର, ନିୟମିତ ବ୍ୟାୟାମ, ସକାରତ୍ମକ ମନୋଭାବ ମାନବ ସମାଜକୁ ନିରୋଗ ରଖିପାରେ, ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଭୂପତି ମଲ୍ଲିକ, ଟ୍ରଷ୍ଟର ଅଧ୍ୟକ୍ଷା ଚଞ୍ଚଳା ତ୍ରିପାଠୀ, ଶିବପ୍ରସାଦ ପତି, ହୋମିଓ ଭେଷଜ ସହାୟକ କାହ୍ନୁ ଚରଣ ନାୟକ, ହରପ୍ରସାଦ ପଣ୍ଡା, ପ୍ରତିଭା ତ୍ରିପାଠୀ, ଅଜୟ କୁମାର ସାହୁ, ଚିତ୍ତରଞ୍ଜନ ପାଢ଼ୀ, ପ୍ରଦୀପ ମହାରଣା, ସ୍ୱର୍ଣ୍ଣ ସମ୍ପୂର୍ଣ୍ଣା ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ସଞ୍ଜୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ ମହୋତ୍ସବ ସପ୍ତାହରେ ଆଲୋଚନାଚକ୍ର



**ଯାଜପୁର, ୨।୭ (ସମିସ):** ଧର୍ମଶାଳା ବ୍ଲକ ନହଙ୍ଗାପାଟଣାସ୍ଥ ଲକ୍ଷ୍ମୀନାରାୟଣ ବିଦ୍ୟାଳୟରେ ଉଦୀୟମାନ ସବୁଜ ବାହିନୀ, ଜାରକା ଇନର ହୁଇଲ କ୍ଲବ ଓ ସାହିତ୍ୟ ଘର ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ସାହିତ୍ୟ ଘରର ବରିଷ୍ଠ ଉପଦେଷ୍ଟା ସମାଜସେବୀ କାହ୍ନୁଚରଣ ଦାଶ, ମୁଖ୍ୟଅତିଥି ବରିଷ୍ଠ ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ପ୍ରାଧ୍ୟାପକ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ସାହିତ୍ୟ ଘରର ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଖବରଦାତା ସୀତାକାନ୍ତ ସାମଲ, ଉଦୀୟମାନ ମହିଳା ସଂଗଠନର ସମ୍ପାଦିକା ଅରୁଣୀ ନନ୍ଦ, ଇନର ହୁଇଲ କ୍ଲବର ସଭାପତି ରଶ୍ମିତା ନାୟକ, ପୂର୍ବତନ ସଭାପତି ମିନତୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ଉପାଦେୟତା ଓ ବନ ମହୋତ୍ସବ ସପ୍ତାହ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଅତିଥି ପରିଚୟ, ସରୋଜିନୀ ପଣ୍ଡା ସ୍ୱାଗତ ଭାଷଣ ଓ ସମାଜସେବୀ ଅଭିରାମ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ପାର୍ବତୀ ସାହୁ, ମୋନାଲିସା ପ୍ରଧାନ, ଅନୀଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପରେ ଅତିଥିଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଆମ୍ବ, ବଉଳ, ନିମ, ଅଶୋକ, ପିଜୁଳି ଆଦି ଗଛ ଚାରା ରୋପଣ କରିଥିଲେ।

## ଜାତୀୟ ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ବର୍ଦ୍ଧନା



**କବାଟବନ୍ଧ,୨।୭ (ସମିସ):** ଜାତୀୟ ଡାକ୍ତର ଦିବସ ଅବସରରେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବ ସମାଜସେବୀ ସରୋଜକାନ୍ତ ବେହେରାଙ୍କ ଉଦ୍ୟମରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିହାର ରଞ୍ଜନ କରଙ୍କ ଉତ୍ସର୍ଗୀକୃତ ରୋଗୀ ସେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ଡାକ୍ତରଙ୍କ ନିରନ୍ତର ଚେଷ୍ଟା, ଅକ୍ଳାନ୍ତ ପରିଶ୍ରମ ଓ ଅମୂଲ୍ୟ ଅବଦାନ ପାଇଁ ୧୯୯୧ ଜୁଲାଇ ୧ ତାରିଖଠାରୁ ପ୍ରତିବର୍ଷ ଏହାକୁ ପାଳନ କରାଯାଉଛି। ଡାକ୍ତରଙ୍କୁ ପ୍ରଶଂସା ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଏ ଅବସରରେ ଯୁବ ଡାକ୍ତର ନିହାର ରଞ୍ଜନ କରଙ୍କୁ ଉତ୍ତରୀୟ ଓ ଫୁଲଚାରା ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ତପନ କୁମାର ଦଳେଇ, ମେଡ଼ିକାଲ କର୍ମଚାରୀ ସୁରେଶ ସାହୁ, ମମତା ଓଝା, ସ୍ମିତାରଣୀ ଓଝା, ଆମ୍ବୁଲାନ୍ସ ଚାଳକ ମାନସ ମେହେଣା, ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୂତନ ଆଇନ ସମ୍ପର୍କରେ ଜିଲ୍ଲା ପୁଲିସର କର୍ମଶାଳା

**ପାଣିକୋଇଲି, ୨।୭ (ସମିସ):** ଦେଶରେ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନ ସଂକ୍ରାନ୍ତରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ସଭାଗୃହରେ ଅତିରିକ୍ତ ପୁଲିସ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟଙ୍କ ସଞ୍ଚାଳନାରେ ବରିଷ୍ଠ ନାଗରିକ ମଞ୍ଚ, ସିଭିଲ ସୋସାଇଟି ଫୋରମ, ଜିଲ୍ଲା ଶିଶୁ ବିଭାଗ, ଜିଲ୍ଲା ଶିଶୁ ମଙ୍ଗଳ ସମିତି, ସାମାଜିକ କର୍ମୀ, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲା ପୁଲିସ ଅଧୀକ୍ଷକ ବିନିତ ଅଗ୍ରୱାଲ ଅଧ୍ୟକ୍ଷତା କରି ଦେଶରେ ନୂତନ ଆଇନ ପ୍ରଣୟନ ନେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉକ୍ତ ଆଇନ ଦ୍ୱାରା ପୀଡ଼ିତ ତୁରନ୍ତ ନ୍ୟାୟ ପାଇପାରିବା ସହିତ ଅପରାଧିଙ୍କ ଲାଗି କଠୋର ସାବ୍ୟସ୍ତ ହେବ ବୋଲି କହିଥିଲେ। ପ୍ରଥମେ ଦେଶର ଜାତୀୟ ସଙ୍ଗୀତ ଗାନ କରାଯାଇ ଉକ୍ତ ଆଇନକୁ ସମ୍ମାନ ଜଣାଯାଇଥିଲା। ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତରାୟ, ଡିଏସପି (ଡିଆଇବି) ଅନୀଲ ପ୍ରଧାନ, ଜିଲ୍ଲା ଶିଶୁ ଅଧିକାରୀ ନିରଞ୍ଜନ କର ଉକ୍ତ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ରେକ୍ସୋନା ଜେନା, ସଦସ୍ୟା ତୃପ୍ତି ଜେନା, ସଦସ୍ୟ ପ୍ରଶାନ୍ତ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କମକର୍ତ୍ତା କାଳୀପ୍ରସାଦ ସାହୁ, ପଦ୍ମଲୋଚନ ସାମନ୍ତରାୟ, ରବୀନ୍ଦ୍ରନାଥ ସେଠୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସଦୁରେନ୍ଦ୍ର ରାୟଙ୍କ ସମେତ ସାମ୍ବାଦିକ ଯୋଗ ଦେଇଥିଲେ।



## ଜାରକା ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ




**ଯାଜପୁର, ୨।୭ (ସମିସ):** ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବ ଅଧିଷ୍ଠାନ ଉତ୍ସବ ସୋଆ ଅଡିଟୋରିଅମ୍ କ୍ୟାମ୍ପସ-୨ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବର ନ୍ୟାସନାଲ ପାଷ୍ଟ ପ୍ରେସିଡେଣ୍ଟ ଶେଖର ମେହେଟା, ରୋଟାରୀ ୩୨୬୨ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଫାଷ୍ଟ ଲେଡୀ ଇତୁର୍ଣ୍ଣ ମହାପାତ୍ର ଯୋଗ ଦେଇଥିଲେ। ଜାରକା ରୋଟାରୀ କ୍ଲବର ନୂତନ ସଭାପତି ଭାବେ ରୋଟାରିଆନ ରାଜେନ୍ଦ୍ର ପ୍ରସାଦ ପଲେଇ ଓ ସମ୍ପାଦକ ଭାବେ ରୋଟାରିଆନ ଜୟ ପ୍ରକାଶ ତ୍ରିପାଠୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଉକ୍ତ ଉତ୍ସବରେ ରୋଟାରୀ କ୍ଲବର ୨୦୨୩-୨୪ର ସଭାପତି ରୋଟାରିଆନ ବିପିନ କିଶୋର ଷଡଙ୍ଗୀ, ସମ୍ପାଦକ ଜୟଗୁରୁ ପାତ୍ର, ବାରିଷ୍ଠ ସଭ୍ୟ ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଧରଣୀଧର ଦାଶ, ନିରଞ୍ଜନ ପାଣିଗ୍ରାହୀ, ହରିହର ପଣ୍ଡା, ଅଜାମ୍ବର ସାହୁ, ବିନୋଦ ବିହାରୀ ପରିଡ଼ା ଓ ଯତୀନ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେହିପରି ଜାରକା ଇନର ହୁଇଲର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହାର ନୂତନ ସଭାପତି ଭାବେ ରଶ୍ମିତା ନାୟକ ଓ ସମ୍ପାଦକ ଭାବେ ଲୋପାମୁଦ୍ରା ଷଣ୍ଢ ଶପଥ ପାଠ କରିଥିଲେ। ଏଥିରେ ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦକ ବିଶ୍ୱମିତ୍ରା ସାହୁ, ମିନତୀ ସାହୁ, ମାଧୁରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟିତ

ବଡ଼ଚଣା, ୨।୭ (ସମିସ)




ବିଶ୍ୱରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଥିବାରୁ ଚିନ୍ତା ପ୍ରକଟ କରାଯାଉଛି। ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ , ବିକ୍ଷିପ୍ତ ଶିଳ୍ପ ପ୍ରତିଷ୍ଠା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା ବୃଦ୍ଧି ଆଦି ଯୋଗୁଁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି। ବୃକ୍ଷ ହିଁ ଜୀବନ। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ବିଦ୍ୟାଳୟ ସ୍ତରରୁ ବୃକ୍ଷ ରୋପଣ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଆସନ୍ତାକାଲିର ସବୁଜିମା ଭରା ପୃଥିବୀକୁ ଦେଖିବାକୁ ହେଲେ ବ୍ୟାପକ ଭାବେ ବୃକ୍ଷରୋପଣ କରିବାକୁ ପଡ଼ିବ ବୋଲି ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟନ ସଭାରେ ଉଦ୍‌ଘାଟକ ଭାବେ ଯୋଗଦେଇ ବଡଚଣାର ନବନିର୍ବାଚିତ ବିଧାୟକ ଅମର କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ଧାନମଣ୍ଡଳସ୍ଥ ହୋଲି ଜେସସ୍ ପବ୍ଲିକ ସ୍କୁଲରେ ଆୟୋଜିତ ଉତ୍ସବରେ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକ ଯୋଗ ଦେଇଥିଲେ ପ୍ରତିକୂଳ ପରିସ୍ଥିତି, କର୍ତ୍ତବ୍ୟ ନିଷ୍ଠା, ଏକାଗ୍ରତା, ଅଧ୍ୟବସାୟ ଭିତରେ ଯିଏ ଜୀବନର ଚଲା ପଥରେ ଆଗକୁ ଆଗକୁ ମାଡ଼ି ଚାଲେ ସେଇ ହିଁ ପ୍ରକୃତ ମଣିଷ। ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ଯୋଗୁଁ ବିଦ୍ୟାଳୟ ରାଜ୍ୟ ସରକାରଙ୍କଠାରୁ ପ୍ରକୃତିମିତ୍ର ପୁରସ୍କାର ପାଇପାରିଛି ବୋଲି କହିବା ସହିତ ଆଗାମୀ ସାତଦିନ ମଧ୍ୟରେ ବିଦ୍ୟାଳୟ ପରିସରରେ ଶତାଧିକ, ଫୁଲଫଳ, ଔଷଧୀୟ ବୃକ୍ଷ ରୋପଣ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷ ରୋପଣ ସଚେତନତା ସୃଷ୍ଟି କରାଯିବ ବୋଲି କହିଥିଲେ। ଶିକ୍ଷୟିତ୍ରୀ ସୁଭାସିନୀ ମଲ୍ଲିକଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ପରିବେଶବିତ୍, ବୁଦ୍ଧିଜୀବୀ, ଅଭିଭାବକ ଯୋଗଦେଇଥିଲେ। ଗଣିତ ଅଲିମ୍ପିଆଡରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଇଏମ୍ଏ ପକ୍ଷରୁ ଚିକିତ୍ସକ ଦିବସ ପାଳିତ



**ଭଦ୍ରକ,୨।୭(ସମିସ):** ଭଦ୍ରକ ଶାଖା ଆଇଏମଏ (ଭାରତୀୟ ଚିକିତ୍ସକ ସଂଘ) ପକ୍ଷରୁ ଜାତୀୟଚିକିତ୍ସକଦିବସସହିଦସ୍ମୃତିଭବନଠାରେପାଳିତହୋଇଯାଇଛି।ଏଥିରେଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚିକିତ୍ସକମାନଙ୍କୁ ଦ୍ୱିତୀୟ ଈଶ୍ୱର ଭାବେ ବର୍ଣ୍ଣନା କରିବା ସହ ସେମାନେ ରୋଗୀମାନଙ୍କ ପ୍ରତି ଅଧିକ ପ୍ରତିବଦ୍ଧତାର ସହିତ ଚିକିତ୍ସା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବ ଆରମ୍ଭରେ ଡାକ୍ତର ଧନଞ୍ଜୟ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ପରେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପିକେ ଦାଶ, ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ, ଆଇଏମଏ ସଭାପତି ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଉପଦେଷ୍ଟା ଡାକ୍ତର ହରେକୃଷ୍ଣ ନାୟକ, ଡାକ୍ତର ଝସକେତନ ମହାନ୍ତି, ସଂପାଦକ ଡାକ୍ତର ରଞ୍ଜିତ କୁମାର ଖଟୁଆ, ଡାକ୍ତର ଭଗବାନ ଦୀକ୍ଷିତ ପ୍ରମୁଖ ନିଜର ବକ୍ତବ୍ୟ ରଖିବା ସହିତ ଗେଲପୁରକୁ ନୂତନ ହସ୍ପିଟାଲ ସ୍ଥାନାନ୍ତରିତ କରିବା ସହ ଯଥାଶୀଘ୍ର ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ସମାଜ ସେବା ପାଇଁ ଭଦ୍ରକ ରୋଟାରୀ କ୍ଲବ, ଓଶ୍ମୁ ସଂଗଠନ, ଡାକ୍ତର ସୁଧୀରଞ୍ଜନ ନାୟକ, ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ରଜତ କୁମାର ସାହୁ, ବ୍ଲଡ ବ୍ୟାଙ୍କର ରତିକାନ୍ତ ବଳ, ମିନତୀ ମହାନ୍ତି, ସସ୍ମିତା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଚିକିତ୍ସକ, ବୁଦ୍ଧିଜୀବୀ ଓ ରୋଟାରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ



**ଦୋବଲ,୨।୭(ସମିସ):** ସରକାର ପରେ ସରକାର ବଦଳୁଛି ନେତା ପରେ ନେତା ବଦଳୁଛନ୍ତି; ହେଲେ ଧାମନଗର ବ୍ଲକର ଶିକ୍ଷା ବ୍ୟବସ୍ଥାର ଭାଗ୍ୟ ପରିବର୍ତ୍ତନ ହୋଇ ପାରୁନି। ଧାମନଗର ବ୍ଲକରେ ସ୍ଥାୟୀ ବିଇଓ ନଥିବା ବେଳେ ପ୍ରାୟ ୨୪୦ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୧୪୯ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଫଳରେ ପାଠ ପଢ଼ାରେ ଘୋର ଅସୁବିଧା ଦେଖାଦେଇଛି। ସବୁଠାରୁ ବଡ କଥା ହେଲା ଧାମନଗର ବ୍ଲକରେ ୧୩ଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବାରୁ ପାଠ ପଢାରେ ନାହିଁ ନଥିବା ଅସୁବିଧା ଦେଖିବାକୁ ମିଳିଛି। ଦୋବଲ ନିକଟସ୍ଥ କରଦା ପଞ୍ଚାୟତର ଅଙ୍ଗେଇପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ୩୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଜଣେ ଶିକ୍ଷକ ସମସ୍ତ ଦାୟିତ୍ୱ ତୁଲାଇଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବିଦ୍ୟାଳୟଗୁଡ଼ିକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରା ଯାଉଥିବା ବେଳେ ଶିକ୍ଷକ ଅଭାବ ଦେଖାଦେଇଛି। ଫଳରେ କୋମଳମତି ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଛି। ଏହି ବିଦ୍ୟାଳୟଟି ୧୯୦୩ ମସିହାରୁ ସ୍ଥାପିତ ହୋଇଛି। ବିଦ୍ୟାଳୟର ପରିବେଶ ମଧ୍ୟ ଅସୁରକ୍ଷିତ ରହିଛି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭୀମସେନ ହୋ କହିଛନ୍ତି, ଧାମନଗର ବ୍ଲକରେ ଖାଲିପଡିଥିବା ଶିକ୍ଷକ ପଦବୀ ଖୁବଶୀଘ୍ର ପୂରଣ ହେବ।

## ଧାମରା ଥାନାରେ ଜନସଚେତନତା



**ଭଦ୍ରକ,୨।୭(ସମିସ):** ନୂତନ ଫୌଜଦାରୀ ଆଇନ କାର୍ଯ୍ୟକାରୀ ହୋଇଥିବା ବେଳେ ଏହାକୁ ନେଇ ଭଦ୍ରକ ଜିଲ୍ଲା ଧାମରା ଥାନାରେ ଏକ ଜନସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ହୋଇଥିବା ସଭାରେ ନୂଆ ଆଇନ ସଂପର୍କରେ ସଚେତନତା କରାଯାଇଥିଲା। ପୂର୍ବରୁ ଆଇପିସିରେ ୫୧୧ଟି ଦଫା ଥିବା ବେଳେ ଭାରତୀୟ ନ୍ୟାୟସଂହିତାରେ ୩୫୮ଟି ଧାରା ଅଛି ବୋଲି ଉପସ୍ଥିତ ଥିବା ଧାମରା, ଦୋସିଙ୍ଗା ଏବଂ କଇଥଖୋଲା ପଞ୍ଚାୟତର ସମସ୍ତ ବୁଦ୍ଧିଜୀବୀ ଏବଂ ରାଜନୈତିକ ତଥା ସାଧାରଣ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଧାମରା ଥାନାର ଅରୁଣ ରାଉତ, ନନ୍ଦକିଶୋର ମାଝୀ, ଏ କେ ପତି, ସି. ସୋରେନ, ପ୍ରମୋଦ ମଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦ ଘରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ,୨।୭(ସମିସ)**



**ସୁଇସାଇଡ୍ ନୋଟରେ ଲେଖା ଅଛି ଶେଷ ଇଚ୍ଛା**

ବନ୍ଦ ଘରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ। ମିଳିଲା ସୁଇସାଇଡ୍ ନୋଟ। ଯେଉଁଥିରେ ଲେଖା ଅଛି ଦୁଇଟି ମୋବାଇଲ ନମ୍ବର, ଆଉ ଲେଖା ଅଛି 'ମୋର ଶେଷ ଇଚ୍ଛା; ଏହି ଦୁଇ ମୋବାଇଲ ନମ୍ବରରେ ମୋ ମୃତ୍ୟୁ ଖବର ଜଣାଇଦେବେ'। ଏମିତି ଘଟଣା ଘଟିଛି ଭଦ୍ରକ ସହରାଞ୍ଚଳ ଥାନା ଅଧୀନରେ।

ଭଦ୍ରକ ଟାଉନ ଥାନା ଅଧୀନ ଜଗନ୍ନାଥପୁର କଲେଜ ନିକଟ ଏକ ଭଡ଼ା ଘରୁ ଛାତ୍ରୀଙ୍କର ମୃତ ଦେହ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁଯାୟୀ, ଛାତ୍ରୀ ଜଣକଙ୍କ ଘର ବାଲେଶ୍ୱର ଜିଲ୍ଲା ଗରସଙ୍ଗ ଅଞ୍ଚଳରେ। ଯୁବତୀ ଜଣକ ପରିବାର ସହ ଭଡ଼ାରେ ରହୁଥିଲେ। ପିତା କାଳନ୍ଦୀ ଦାସ ଭଦ୍ରକରେ ରହି ଚାକିରି କରୁଥିବା କାରଣରୁ ପରିବାର ସହ ଭଡ଼ାରେ ରହୁଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେ କଟକରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଆଡ୍‌ମିଶନ କରିଥିଲେ। ଗତକାଲି ରାତିରେ ଝିଅ ମାଆଙ୍କ ସହ କଥା ହୋଇଥିବା ପରିବାର ଲୋକେ କହିଛନ୍ତି। ଆଜି ସକାଳୁ ସାମ୍ନା ଘର ପଡ଼ୋଶୀ ଝରକା ବାଟେ ଝିଅର ମୃତଦେହ ଝୁଲୁଥିବା ଦେଖି ଖବର ଦେଇଥିଲେ। କିନ୍ତୁ ଝିଅର ମୃତଦେହ ପାଖରେ ଏକ ହାତ ଲେଖା ଚିଠି ଜବତ ହୋଇଛି। ଉକ୍ତ ଚିଠିରେ ଛାତ୍ରୀଙ୍କ ଶେଷ ଇଚ୍ଛା ଲେଖାଯାଇଛି। 'ମୋ ମୃତ୍ୟୁ ଖବର ଚିଠିରେ ଲେଖାଥିବା ଦୁଇଟା ନମ୍ବରରେ କଲ୍ କରି ଜଣାଇ ଦେବାକୁ ଝିଅ ଲେଖିଛି'। ତେବେ ଯେଉଁ ୨ଟି ନମ୍ବର ଲେଖା ହୋଇଛି



ସେହି ପିଲାହିଁ ମୃତ୍ୟୁର କାରଣ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ଅନୁମାନ କରୁଥିବା ବେଳେ ଉକ୍ତ ନମ୍ବରକୁ ଯାଞ୍ଚ କରି ଅଭିଯୁକ୍ତକୁ ଦଣ୍ଡ ଦେବାକୁ ଅନୁରୋଧ କରିଛନ୍ତି ପରିବାର ଲୋକେ। ଘଟଣାସ୍ଥଳରେ ସହରାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ କରୁଛି। ମୃତଦେହକୁ ଉଦ୍ଧାର କରି ପୁଲିସ୍ ବ୍ୟବଚ୍ଛେଦ କରିଛି।

## ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ

**ବାସୁଦେବପୁର,୨।୭(ସମିସ):** ବାସୁଦେବପୁର ଥାନା ମନ୍ଦାରୀ ଗ୍ରାମରେ ଆଜି ଜଣେ ନବ ବଧୂଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି। କୌଣସି କାରଣକୁ ନେଇ ବେକରେ ରଶି ଲଗାଇ ନବବଧୂଙ୍କ ମୃତ୍ୟୁ ହୋଇଥିବା ଶ୍ୱଶୁର ଘର ଲୋକେ ପ୍ରକାଶ କରିଥିବା ବେଳେ ହତ୍ୟା କରାଯାଇଥିବା ବାପ ଘର ଲୋକେ ସ୍ଥାନୀୟ ଥାନାରେ ଅଭିଯୋଗ ଆଣିଛନ୍ତି। ଯାହାକୁ ନେଇ ଉଭୟ ପରିବାର ମଧ୍ୟରେ ତୁମ୍ବିତୋଫାନ ହୋଇଥିବା ବେଳେ ଅଭିଯୋଗ ପାଇ ପୁଲିସ୍ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

ବାସୁଦେବପୁର ବ୍ଲକର ରାଜଘରପୋଖରୀ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ଗୋବର୍ଦ୍ଧନ ରାଉତଙ୍କ ଝିଅ କବିତାକୁ ବାସୁଦେବପୁର ପୌରପାଳିକାର ମନ୍ଦାରୀ ଭୋଇ ସାହିର ଗଣେଶ ଭୋଇଙ୍କ ପୁଅ ରତିକାନ୍ତ ସହିତ ୨୦୨୪ ମସିହା ଫେବୃଆରୀ ମାସରେ ବୈଦିକ ରୀତିରେ ବିବାହ କରିଥିଲେ। ରତିକାନ୍ତ ଓ ପରିବାର ଲୋକେ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହେଉଥିଲା। ବିବାହର ମାସେ ପରେ ପତି ପତ୍ନୀଙ୍କ ମଧ୍ୟରେ ଏହାକୁ ନେଇ ମନାନ୍ତର ହୋଇଥିଲା। ଦୁଇ ପରିବାର ମଧ୍ୟରେ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଆଜି ସକାଳେ କବିତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ଦେଖି ଶ୍ୱଶୁର ଘର ଲୋକେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇ ଆସିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ କବିତାର ବାପ ଘର ଲୋକ ପାଖ ପଡୋଶୀଙ୍କ ପକ୍ଷରୁ ମୃତ୍ୟୁ ସୂଚନା ପାଇ ଡାକ୍ତରଖାନାରେ ପହଞ୍ଚି ଥିଲେ। ଝିଅ କବିତାର ମୃତ୍ୟୁକୁ ସେମାନେ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଫଳରେ ଶାଶୂଘର ଲୋକ ଝିଅକୁ ମାରିଦେଇଛନ୍ତି ବୋଲି ସେମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଉପଭୋକ୍ତା ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## କାନାରା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ,୨।୭(ସମିସ):** ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ରାୟରେ ଭଦ୍ରକ ଶାଖା କାନାରା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ସହର ମଠସାହି ଅଞ୍ଚଳର ଅଧିବାସୀ ନସିମ ଏହେମ୍ମଦ ଭଦ୍ରକ ଶାଖା କାନାରା ବ୍ୟାଙ୍କରୁ ଏକ ୨ଚକିଆ ବାଇକ୍ କ୍ରୟ କରିବାକୁ ୫୦ହଜାର ଟଙ୍କା ଡାଉନ୍ ପେମେଣ୍ଟ ଦେଇ ୧ଲକ୍ଷ ୧୦ହଜାର ଟଙ୍କାର ଲୋନ୍ ନେଇଥିଲେ। ତାଙ୍କର ୨ହଜାର ଟଙ୍କାରେ ୩୪ଟି କିସ୍ତିରେ ପରିଶୋଧ କରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ନସିମ ଏହେମ୍ମଦ ତାଙ୍କର ୨୩ କିସ୍ତି ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୧୧ଟି କିସ୍ତି ଦେଇ ପାରିନଥିଲେ। ପରେ ସେ ଉକ୍ତ ଋଣ ପରିଶୋଧ ଲାଗ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଓଟିଏସ୍ (ୱାନ ଟାଇମ୍ ସେଟଲମେଣ୍ଟ) କରିବାକୁ ଦରଖାସ୍ତ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ୧୬ହଜାର ଟଙ୍କା ଦେବାକୁ କହିବା ସହ ବ୍ୟାଙ୍କ ରିଜୋନାଲ ଅଫିସରୁ ଆପ୍ରୁଭାଲ ଆସିବା ପରେ ଏନ୍ଓସି ଦେବାକୁ କହିଥିଲେ। ନସିମ ଗତ ୩୦-୧୨-୨୧ ତାରିଖରେ ୧୬ହଜାର ଟଙ୍କା ଜମା କରିଥିଲେ। ତେବେ ତାଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏକ୍ସଟ୍ରା କିଓ ଏନଓସି ପ୍ରଦାନ କରିନଥିଲେ। ଫଳରେ ସେ ବାଧ୍ୟ ହୋଇ ଭଦ୍ରକ ଉପଭୋକ୍ତା ସମାଧାନ ଆୟୋଗରେ ଆଶ୍ରୟ ନେଇଥିଲେ। ଯାହାର ସିସି ନମ୍ବର-୧୮୨/୨୩ । ଏହି ମାମଲାରେ ଆଜି ବିଚାର କରି ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ପାଇଁ ତାଙ୍କ ରାୟରେ କାନାରା ବ୍ୟାଙ୍କ କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ କ୍ଷେତ୍ରରେ ଉପଯୁକ୍ତ ସେବା ପ୍ରଦାନ କରିନଥିବା କାଗଜପତ୍ରରୁ ଜାଣିବାକୁ ପାଇଥିଲେ। ଏଣୁ କାନାରା ବ୍ୟାଙ୍କ ଉପଭୋକ୍ତାଙ୍କୁ ୨୦ହଜାର ଟଙ୍କା କ୍ଷତିପୂରଣ ରାଶି ସହ ୫ହଜାର ଟଙ୍କା ମାମଲା ଖର୍ଚ୍ଚ ବାବଦକୁ ମିଶାଇ ମୋଟ ୨୫ହଜାର ଟଙ୍କା ସହ ଏକ୍ସଟ୍ରା କିଓ ଏନ୍ଓସି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉକ୍ତ ଟଙ୍କା ପ୍ରଦାନ ନକଲେ ବ୍ୟାଙ୍କ ବର୍ଷକୁ ୬ ପ୍ରତିଶତ ସୁଧ ସହ ଟଙ୍କା ପୈଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## କୃତୀ ଛାତ୍ରୀ କିରଣବାଳା ସମ୍ବର୍ଦ୍ଧିତ



**ବନ୍ତ/ଆଗରପଡ଼ା,୨।୭(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ କିରଣବାଳା ସାହୁ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ପ୍ରଧାନଶିକ୍ଷକ ବିପିନ ବିହାରୀ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ଉପସଭାପତି ଗଗନ ସିଂହ, ସଭ୍ୟ ସାମ୍ବାଦିକ ଅକ୍ଷୟ ସିଂହ, ଦୋଳଗୋବିନ୍ଦ ନାଥ, ହରିହର ପାଣିଗ୍ରାହୀ, ମନମୋହନ ରାଉତ, ସହକାରୀ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଳ, ରଞ୍ଜିତା ଶିଅଳ, ବିଦ୍ୟୁତ୍‌ଲତା ଦାସ, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ବନଜିନୀ ନାୟକ, କୈଳାସ ପଣ୍ଡା, ସାବିତ୍ରୀ ଦାସ ପ୍ରମୁଖ ଯୋଗଦେଇ କିରଣବାଳାଙ୍କୁ ପ୍ରଶଂସା କରିଥିଲେ।

## ଧାମନଗର ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଧାମନଗର,୨।୭(ସମିସ):** ସାମାଜିକ ସଂଗଠନ ନବଜୀବନ ଫାଉଣ୍ଡେସନ ଓଡିଶା ଶାଖା ପକ୍ଷରୁ ଧାମନଗର ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ବୈତରଣୀ ନଦୀର ବାମ ପାର୍ଶ୍ୱରେ ଥିବା ନିର୍ମାଣଧୀନ ଏସ୍‌କେପ ମନ୍ଥର ଗତିରେ ଚାଲୁଥିବାରୁ ଆସନ୍ନ ବର୍ଷା ଓ ବନ୍ୟାର ଭୟ ଆଶଙ୍କା ଦେଖାଯାଇଛି। ତେଣୁ ଏହାକୁ ତୁରନ୍ତ ଶେଷ କରିବାକୁ ଦାବି କରିଥିଲେ। ଏହା ସହିତ ବନ୍ଧ ଉଚ୍ଚତା ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ନିର୍ମାଣଧୀନ ସ୍ଥାନକୁ ଦୁଇ ଦିନ ମଧ୍ୟରେ ଗସ୍ତ କରି କାର୍ଯ୍ୟକୁ କ୍ଷିପ୍ର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନବଜୀବନ ଫାଉଣ୍ଡେସନ ଉତ୍ତର ପୂର୍ବ



ଭାରତ ତଥା ଓଡିଶା ମୁଖ୍ୟ ମାନସ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଏଥିରେ ଯୁବ ଛାତ୍ର ସଂଗଠନର ଜିଲ୍ଲା ସଂଯୋଜକ ଜାହିର ଖାନ, ଜାନ ଖାନଯୁବ ସାମାଜିକ କର୍ମୀ ଅରୂପ ରଞ୍ଜନ ନନ୍ଦ, ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପରିଚାଳନା ଶିକ୍ଷା ତାଲିମ

**ଭଦ୍ରକ,୨।୭(ସମିସ):** ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୂର୍ବତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ପରିସରରେ ୩ ବାଟାଲିୟନ୍ ଏନ୍‌ଡିଆର୍‌ଏଫ୍ ମୁଣ୍ଡଳି, କଟକଙ୍କ ଆନୁକୂଲ୍ୟରେ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ପୌରୋହିତ୍ୟରେ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।



ଟିମ୍ କମାଣ୍ଡର ସବ୍‌ଇନ୍‌ସ୍ପେକ୍ଟର ମହେନ୍ଦ୍ର କୁମାର ଚୌଧୁରୀଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମହମ୍ମଦ ଆରାଫତ୍, ଅନିଲ କୁମାର ଯାଦବ, ଆର୍‌ଡି ନିକାମ ଏବଂ ବାଲସଙ୍କର ଛାତ୍ରଛାତ୍ରୀଙ୍କୁ ଆଶୁ ଚିକିତ୍ସା, ବାତ୍ୟା, ବନ୍ୟା ଓ ଅଗ୍ନିକାଣ୍ଡ ସମୟରେ କିପରି ବିପର୍ଯ୍ୟୟର ମୁକାବିଲା କରାଯିବ ସେ ସଂପର୍କରେ ତାଲିମ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ସମୟରେ ଜନସାଧାରଣ କିପରି ସାହସର ସହିତ ସାମ୍ନା କରି ରକ୍ଷା ପାଇପାରିବେ ତାହା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆୟୋଜକ ମାନେ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

● ପରିବହନ ବିଭାଗ ପକ୍ଷରୁ ଚଢ଼ଉ

## ବସ୍ ସମେତ ଟିପ୍ପର ଅଟକ

**ବାସୁଦେବପୁର,୨।୭(ସମିସ):** ବାସୁଦେବପୁର ଅଞ୍ଚଳରେ ପରିବହନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଅଞ୍ଚଳରେ ବେଧଡକ ଭାବେ ବେଆଇନ୍ ଓଭର ଲୋଡିଂ ଗାଡ଼ି ଚାଲୁଥିବା ବେଳେ ଚାଳକମାନେ ମଦ୍ୟପାନ କରି ଗାଡ଼ି ଚଲାଉଛନ୍ତି। ଏଭଳି ଅଭିଯୋଗ ମିଳିବା ପରେ ପରିବହନ ବିଭାଗ ଜିଲ୍ଲା ଅଧିକାରୀ ଶର୍ମିଷ୍ଠା ମିଶ୍ରଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକ ବାସୁଦେବପୁର ଅଞ୍ଚଳରେ ଚାଲୁଥିବା ବିଭିନ୍ନ ଗାଡ଼ି ମଟରକୁ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ଭଦ୍ରକରୁ ବାସୁଦେବପୁରକୁ ଆସୁଥିବା ଏକ ଘରୋଇ ବସ୍ ମା' ତାରିଣୀ (ନଂ ଓଡ଼ି୨୨ ଏଲ୍ ୭୬୮୮)କୁ ଅଟକାଇ ଯାଞ୍ଚ କରିବାରୁ ବସ୍‌ର ବୀମା ସହ ଫିଟ୍‌ନେସ୍ ନଥିବା ଜଣାପଡିଥିଲା। ଫଳରେ ଉକ୍ତ ବସ୍‌କୁ ଥାନାରେ ଅଟକ ରଖିଛନ୍ତି। ସେହିପରି ଧାମରା ଅଭିମୁଖେ ଯାଉଥିବା ଏକ ଟିପ୍ପରକୁ ମଧ୍ୟ ଅଟକ ରଖିଛନ୍ତି। ଗାଡ଼ି ଚାଳକ ମଦ୍ୟପାନ କରିଥିବାରୁ ତାଙ୍କୁ ଥାନାରେ ଅଟକ ରଖାଯାଇଛି।



## କାଉନସିଲର ପକାଇଲେ ପୌରାଧ୍ୟକ୍ଷଙ୍କ ଅଫିସରେ ତାଲା

**ଭଦ୍ରକ,୨।୭(ସମିସ):** ଭଦ୍ରକ ପୌରପାଳିକାରେ ଏବେ ବିବାଦ ଚରମସୀମାରେ ପହଞ୍ଚିଛି । ଗତ ସୋମବାର ସନ୍ଧ୍ୟାରେ ୨ଜଣ କଂଗ୍ରେସ କାଉନସିଲର ସେମାନଙ୍କ ୱାର୍ଡରେ ଉନ୍ନୟନ କାର୍ଯ୍ୟ ବାବଦକୁ ବିଲ୍ ପେମେଣ୍ଟ ନହେବାର ପ୍ରତିବାଦ କରି ପୌରାଧ୍ୟକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କ ଅଫିସ

### ତହସିଲଦାର ଓ ସିଟି ଡିଏସ୍‌ପିଙ୍କ ଉପସ୍ଥିତିରେ ତାଲା ଭଙ୍ଗାଗଲା

ପ୍ରକୋଷ୍ଠରେ ତାଲା ପକାଇବା ସହ ପୌରପାଳିକା ମୁଖ୍ୟ ଫାଟକ ଆଗରେ ବି ତାଲା ମାରିଥିଲେ। ଆଜି ପୂର୍ବାହ୍ନରେ ପୌର କର୍ମଚାରୀମାନଙ୍କୁ ପୌରପାଳିକା ମଧ୍ୟକୁ ସେମାନେ ତାଲା ଖୋଲିଥିଲେ ବି ପୌରାଧ୍ୟକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କ ଅଫିସ ପ୍ରକୋଷ୍ଠରୁ ତାଲା ଖୋଲି ନଥିଲେ। ତେବେ ଆଜି ମଧ୍ୟାହ୍ନରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୌରନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଓ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ପୌରାଧ୍ୟକ୍ଷା ଓ ପୌର ନିର୍ବାହୀଙ୍କ ଅଫିସ ପ୍ରକୋଷ୍ଠରେ ପଡିଥିବା ତାଲାକୁ ଭାଙ୍ଗି ଖୋଲିଥିଲେ। ସୂଚନାଯୋଗ୍ୟ, ପୌରପାଳିକାରୀ ୧୭ନମ୍ବର ୱାର୍ଡର କଂଗ୍ରେସ କାଉନସିଲର ଫରିୟାଦ ଖାଁ ଓ ୧୯ନମ୍ବର ୱାର୍ଡର କଂଗ୍ରେସ କାଉନସିଲର ସେଖ ଏନାମ ଉଲ୍ଲହକ ସେମାନଙ୍କ ୱାର୍ଡରେ କରାଯାଇଥିବା ଉନ୍ନୟନ କାର୍ଯ୍ୟ ବାବଦକୁ ପ୍ରାୟ ୪ଲକ୍ଷ ଟଙ୍କାର ବିଲ ପେମେଣ୍ଟ କରାଯାଉନଥିବାର ଅଭିଯୋଗ କରି ଏହାର ପ୍ରତିବାଦରେ ଏଭଳି ତାଲା ପକାଇଥିଲେ। ଏହି ତାଲା ଭଙ୍ଗା ବେଳେ ସଂପୃକ୍ତ କାଉନସିଲରମାନେ ତହସିଲଦାର ଓ ସିଟି ଡିଏସ୍‌ପିଙ୍କ ସହ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ମାମଲା ହୋଇଛି।

### ବନ୍ତ ଛକରୁ ଉଠାଦୋକାନୀଙ୍କୁ ଉଚ୍ଛେଦ

## ୧୫ରୁ ଅଧିକ ଉଠା ଦୋକାନୀ ହଟିଲେ

**ଭଦ୍ରକ,୨।୭(ସମିସ):** ଭଦ୍ରକ ସହରାଞ୍ଚଳ ବନ୍ତଛକ ବସ୍ ଷ୍ଟପେଜ ବା ରହଣୀସ୍ଥଳରୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଆଜି ସକାଳେ ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ରରେ ଏହି ଉଚ୍ଛେଦ ହଟାଇବା ନେଇ ପ୍ରଚାର କରାଯାଇଥିଲା। ଆଜି ପୂର୍ବାହ୍ନରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌରନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ତହସିଲ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖଙ୍କ ସହ ପୁଲିସ ଫୋର୍ସ ବନ୍ତଛକରେ ପହଞ୍ଚି ଜବରଦଖଲକାରୀ ଉଠାଦୋକାନୀଙ୍କୁ ହଟିଯିବା ପାଇଁ କହିଥିଲେ। ପରେ ଉଚ୍ଛେଦକାରୀ ଉଠାଦୋକାନୀମାନେ ସେମାନଙ୍କ ଉଠାଦୋକାନ ସାମଗ୍ରୀ ଗୁଡ଼ିକୁ ଉଠାଇନେଇଥିଲେ। ସୂଚନାଯୋଗ୍ୟ, ବନ୍ତଛକ ବସ୍ ଷ୍ଟପେଜ ନିକଟରେ ବହୁ ସଂଖ୍ୟାରେ ଉଠାଦୋକାନ ବସିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେବା ସହ ଯାତ୍ରୀମାନେ ମଧ୍ୟ ଦୁର୍ଦ୍ଦଶା ଭୋଗୁଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଯାଇଥିଲା। ତେବେ ପୁଣି ଧିରେ ଧିରେ ସଂପୃକ୍ତ ଅଞ୍ଚଳରେ ଉଠାଦୋକାନୀମାନଙ୍କ ଭିଡ଼ ପୂର୍ବଭଳି ହୋଇଥିଲା। ଏହାକୁ ନେଇ ଗତ କିଛି ଦିନ ହେବ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।



## ନାହିଁ ନାହିଁରେ ଚାଲିଛି ଧାମରା ମତ୍ସ୍ୟ ପୋତାଶ୍ରୟ

# ଠିକା କର୍ମଚାରୀଙ୍କ ହାତରେ ବନ୍ଦରର ଭାଗ୍ୟ

ଭଦ୍ରକ, ୨।୭(ସମିସ)




ଭଦ୍ରକ ଜିଲ୍ଲାରେ ଧାମରାରେ ଥିବା ଧାମରା ମତ୍ସ୍ୟ ପୋତାଶ୍ରୟକୁ ରାଜ୍ୟ ସରକାର ବାଣିଜ୍ୟ ବିଭାଗ ହାତରୁ ନେଇ ମତ୍ସ୍ୟ ବିଭାଗକୁ ଟେକିଦେଲେ। ବାଣିଜ୍ୟ ବିଭାଗ ଅଧୀନରେ ୪୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ମତ୍ସ୍ୟ ବିଭାଗ ସମସ୍ତ କର୍ମଚାରୀଙ୍କୁ ଛଟେଇ କରି ହାତଗଣତି କେତେଜଣ ଠିକା କର୍ମଚାରୀଙ୍କୁ ନେଇ ସଂସ୍ଥା ଚଳାଇଲେ। ସେପ୍ଟେମ୍ବର ୨୦୦୯ ମସିହାରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ବିଭାଗ ଧାମରାରେ ଥିବା ନିଜ ଅଫିସକୁ ମଧ୍ୟ ବନ୍ଦ କରି ଦେଇ ବ୍ରହ୍ମପୁର ଡିଭିଜନ ସହ ମିଶାଇଦେଲେ। ଦୀର୍ଘ ୧୫ବର୍ଷ ହେବ ଧାମରା ମତ୍ସ୍ୟ ପୋତାଶ୍ରୟ ସଂସ୍ଥା ଏକ ପରିଚାଳନା କମିଟି ଅଧୀନରେ କାର୍ଯ୍ୟ କରି ଆସୁଛି। ଏହି ପରିଚାଳନା କମିଟିରେ ଥିବା ହାତଗଣତି କର୍ମଚାରୀ ମାନଙ୍କ ମଧ୍ୟରୁ କାର୍ଯ୍ୟରତ ବଡ଼ବାବୁ କାର୍ଯ୍ୟରୁ ଅବ୍ୟାହତ ନେଇଥିବା ବେଳେ ତାଙ୍କୁ ପୁନଶ୍ଚ କାର୍ଯ୍ୟରେ ନିଯୁକ୍ତି ଦିଆଯାଇଛି। ସେହିପରି କାର୍ଯ୍ୟରୁ ଅବ୍ୟାହତି ନେଇସାରିଥିବା ୨ଜଣ କର୍ମଚାରୀଙ୍କୁ କିପରି କାର୍ଯ୍ୟରେ ନିଯୁକ୍ତି ମିଳିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ ହୋଇ ପଡ଼ିଛି। ଏହି ପରିଚାଳନା କମିଟିର ପରିଚାଳକ ମାସରେ ଅଧିକାଂଶ ସମୟରେ ଛୁଟିରେ ରହୁଥିବା ବେଳେ ପରିଚାଳନା କିପରି ଚାଲିଛି ତାହା ସହଜେ ଅନୁମେୟ। ଗୁରୁତ୍ୱପୂର୍ଣ୍ଣ କଥା, ଏହି ମତ୍ସ୍ୟ ପୋତାଶ୍ରୟ ମଧ୍ୟରେ ଥିବା ଘର ଗୁଡିକ କେବଳ ମତ୍ସ୍ୟଜୀବୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ପରିଚାଳନା କମିଟି ସେହି ଘର ଗୁଡିକୁ ସରକାରୀ ଚାକିରିଆ, ବ୍ୟାଙ୍କ କର୍ମଚାରୀ, ପୁଲିସ କର୍ମଚାରୀ ଓ ଧାମରା ବନ୍ଦର କର୍ମଚାରୀଙ୍କୁ ହାତଗୁଞ୍ଜା ନେଇ ଦେବାରେ କୁଣ୍ଠାବୋଧ ମଧ୍ୟ କରୁନାହାନ୍ତି। ଏଥିସହ ସବୁଠାରୁ ରୋଚକ କଥା ହେଲା, ଏହି ଘର ବ୍ୟବହାର କରୁଥିବା ଲୋକଙ୍କ ପାଖରୁ ବିଜୁଳି ଦେୟ ମାସକୁ ୫୫୦ଟଙ୍କା, ପାଣି ଦେୟ ମାସକୁ ୨୪୦ଟଙ୍କା, ଗୋଟିଏ ଘର (୧୦/୧୨)ଭଡ଼ା ବାବଦକୁ ୧୦୦୦ଟଙ୍କାରୁ ଆରମ୍ଭ କରି ୧୨ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଛି। ଅନ୍ୟ ପକ୍ଷରେ ବାଣିଜ୍ୟ ବିଭାଗ ଧାମରା ମାର୍କେଟ ବ୍ୟବସାୟୀମାନଙ୍କ ପିଇବା ପାଣି ତଥା ବ୍ୟବହାର ପାଇଁ ମାଗଣା ଟ୍ୟାପ୍ ଦେଇଥିବା ବେଳେ ସମ୍ପୃକ୍ତ ପରିଚାଳନା କମିଟି ଏହି ସଂଯୋଗୀକରଣ ବିଚ୍ଛେଦ ମଧ୍ୟ କରିଦେଲା। ମତ୍ସ୍ୟ ପୋତାଶ୍ରୟ ଅଧୀନରେ ସାଧାରଣ ଉପଭୋକ୍ତାମାନଙ୍କ ପାଇଁ ପାଣି ଦେୟ ମାସକୁ ୨୪୦ ଟଙ୍କା ଥିବା ବେଳେ ଅନ୍ୟ ଜନସାଧାରଣମାନଙ୍କ ପାଇଁ ଏହା ମାସିକ ୪୮୫ ଟଙ୍କା ଆଦାୟ ହେଉଛି। ସେହିପରି ବିଜୁଳି ବିଲ୍ ଟାଟା ପାଓାର ମାସିକ ୟୁନିଟ୍ ପିଛା ସର୍ବାଧିକ ଟ୫.୭୦ ଆଦାୟ କରୁଥିବା ବେଳେ ଏହି ପରିଚାଳନା ସଂସ୍ଥା ସର୍ବନିମ୍ନ ୟୁନିଟ୍ ପିଛା ୧୦ଟଙ୍କା ହିସାବରେ ବ୍ରିଟିସ ରାଜତ୍ୱ ଚଳାଇ ଆସୁଛି। ବାଣିଜ୍ୟ ବିଭାଗ ସମୟରେ ସୁରୁଖୁରୁରେ ଏହି ମତ୍ସ୍ୟ ପୋତାଶ୍ରୟ ଚାଲିଥିବା ବେଳେ ଏହି ପରିଚାଳନା ସଂସ୍ଥା ଧାମରାରେ କିଛି ହାତଗଣତି ମୁଷ୍ଟିମେୟ ଲୋକଙ୍କୁ ହାତରେ ରଖି ରାଜ ଚଳାଇ ଆସୁଥିବା ଅଭିଯୋଗ ହୋଇଛି। ଏହି ସଂସ୍ଥା ଠିକା କର୍ମଚାରୀ ମାନଙ୍କୁ ନେଇ କାର୍ଯ୍ୟ କରୁଥିବା ବେଳେ ସମ୍ପୃକ୍ତ ଠିକାସଂସ୍ଥା କାହାର ଏବଂ କିଏ ଚଳାଇ ଆସୁଛନ୍ତି ତାହାର ହିସାବ କିତାବ ଦେବାକୁ ବିଭାଗୀୟ ଅଧିକାରୀ ନାପସନ୍ଦ କରୁଛନ୍ତି। ସେହିଭଳି ଏହି ପୋତାଶ୍ରୟ ଅଧୀନରେ ଜାଗା ଭଡା ସ୍କୋୟାର ଫୁଟ ୬ ଟଙ୍କା ଠାରୁ ଆରମ୍ଭ କରି ଆଶାତୀତ ଭାବେ ଆଦାୟ କରାଯାଉଛି। ଏହି ସଂସ୍ଥା ଆଦାୟ କରୁଥିବା ରାଜସ୍ୱ କେବଳ ଆଖିଦୃଶିଆ ଏକ ଚାଟାର୍ଡ ଫାର୍ମରୁ ଅଡିଟ କରି ରିପୋର୍ଟ ଦେଉଥିବା ବେଳେ ପ୍ରକୃତରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଏଠାରେ ଅବସରପ୍ରାପ୍ତଙ୍କୁ କିଭଳି ନିଯୁକ୍ତି ମିଳୁଛି ଓ ଚାଲିଥିବା ବେନିୟମ କାର୍ଯ୍ୟ ପ୍ରତି ବିଭାଗୀୟ ସଚିବ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏହି ପରିଚାଳନା କମିଟିର ସମ୍ପାଦକ ଭଦ୍ରକ ଉପଜିଲ୍ଲାପାଳ, ଜିଲ୍ଲା ମତ୍ସ୍ୟବିଭାଗ ଅଧିକାରୀ ମଧ୍ୟ ଏହି କଥା କୁ କଣ ପାଇଁ ଦୃଷ୍ଟି ଦେଉନାହାନ୍ତି; ତାହାର ସରଜମିନ ତଦନ୍ତ ହେବା ଜରୁରୀ ହୋଇପଡ଼ିଛି।

## ଧାମରା ପୋର୍ଟକୁ ମିଳିଲା ଗୋଲ୍ଡେନ୍ ପିକକ୍ ପୁରସ୍କାର

**ଭଦ୍ରକ, ୨।୭(ସମିସ):** ପରିବେଶ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନର ୨୫ତମ ଅନ୍ତର୍ଜାତୀୟ ସମ୍ମିଳନୀ ବାଙ୍ଗାଲୋର ଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟରର୍ସ (ଆଇଓଡି) ଦ୍ୱାରା ଏକ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ, ଆଦାନୀ ଧାମରା ପୋର୍ଟକୁ ମିଳିଛି ଚଳିତ ବର୍ଷର ଗୋଲ୍ଡେନ୍ ପିକକ୍ ବୃତ୍ତିଗତ ଏବଂ ସୁରକ୍ଷା ପୁରସ୍କାର। ଧାମରା ପୋର୍ଟକୁ ଏହାର ଉଲ୍ଲେଖନୀୟ ପ୍ରଦର୍ଶନୀ, ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ପ୍ରତିବଦ୍ଧତା ଯୋଗୁ ସମ୍ମାନଜନକ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଧାମରା ପୋର୍ଟ ଏହାର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ନେତୃତ୍ୱ ପ୍ରତିବଦ୍ଧତା ପାଇଁ ୨୦୨୧, ଡିସେମ୍ବର ୭ ତାରିଖରୁ ବିନା କୌଣସି ଲସ୍ ଟାଇମ୍ ଇନ୍‌ଜୁରୀରେ ୨୫.୭୪ ମିଲିଅନ୍ କାର୍ଯ୍ୟ ସମୟର ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହା ସୂଚିତ କରୁଛି ଯେ, ଧାମରା ପୋର୍ଟ ଶ୍ରମିକ, କର୍ମଚାରୀମାନଙ୍କ ସୁରକ୍ଷା ବ୍ୟବସ୍ଥା, ନିରାପତା ପ୍ରତି ନେତୃତ୍ୱ ଭିତିକ ପ୍ରତିବଦ୍ଧତା ଏକ ଦୃଷ୍ଟାନ୍ତ ସାଜିବା ସହ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିଛି। ଧାମରା ପୋର୍ଟ ସର୍ବଦା ଲଜିଷ୍ଟିକ୍, ଯୋଗାଣ ଶୃଙ୍ଖଳା ଏବଂ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଏହାର ହିତାଧିକାରୀଙ୍କୁ ସାମିଲ କରାଇ ଅଗ୍ରଣୀ ଭାବେ ନିଜର ସ୍ଥିତିକୁ ଦୃଢ କରିପାରିଛି।



## ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଭାଙ୍ଗୁଛି ଠିକାଦାର



**ତିହିଡି, ୨।୭(ସମିସ):** ତିହିଡି ରୋଡ୍ ମୁଖ୍ୟ ରାସ୍ତାକୁ ପାଣିପାଇପ୍ ଘରୋଇ କମ୍ପାନୀ ଠିକାଦାର ଭାଙ୍ଗି ପାଣି ପାଇପ୍ ବିଛାଉଛି। ଗତ ୫ ଦିନ ହେବ ପାଇପ୍ ବିଛେଇ ସାରିଥିବା ବେଳେ ଉକ୍ତ ଖାଲରେ ମାଟି କି ବାଲି ପକାଉନାହିଁ। ଯାହା ଫଳରେ ଲୋକ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଉଥିବାରୁ ଖାଲରେ ପାଣି ଜମୁଛି; ଯାହା ଫଳରେ ସାଧାରଣ ଲୋଲେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଯେଉଁ ଦୁଇଟି ଜାଗା କଂକ୍ରିଟ ପକାଇଛି ଏହି ଠିକାଦାର ଅତି ନିମ୍ନମାନରେ କାମ କରୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତାଟି ଉପରେ ୧୮ଗୋଟି ପଞ୍ଚାୟତର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଅଧିବାସୀ ପ୍ରତ୍ୟେକ ଦିନ ଯାତାୟାତ କରିଥାଆନ୍ତି। ରାସ୍ତାଟି ଭାଙ୍ଗିଯିବା ଫଳରେ ଲୋକ ପ୍ରଭାବିତ ହେଉଛନ୍ତି। ଏହି ରାସ୍ତାଟି ୨ଟି ପ୍ରମୁଖ ସରକାରୀ ଅଫିସ୍ ଥିବାବେଳେ ଉକ୍ତ କାରଣରୁ ଲୋକମାନେ ଆସି ପାରୁନାହାନ୍ତି। ଏହି ଘରୋଇ କମ୍ପାନୀର ଠିକାଦାରଙ୍କ ଦାଦାଗିର ପାଇଁ ସାଧାରଣ ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଜନମାରଣା ନୀତିରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ସେ ବିଭାଗ ମୋ ଅଧୀନସ୍ଥ ନୁହେଁ, ପାନୀୟ ଜଳ ବିଭାଗର ଆସୁଛି। ପାନୀୟ ଜଳ କାର୍ଯ୍ୟାଳୟ ଉକ୍ତ ରାସ୍ତାରେ ପଡୁଥିବାରୁ ଜେଇ ସେଇ ରାସ୍ତା ଦେଇ ପ୍ରତ୍ୟେକ ଦିନ ଯିବା ଆସିଥିବା ବେଳେ ତାଙ୍କ ନଜରରେ ପଡୁନାହିଁ କିପରି ବୋଲି ପ୍ରଶ୍ନ ଉଠିଛି। ଏହି ସମସ୍ୟାର ସୁଧାର ଲାଗି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୬ ମାସ ହେଲା ହାଇମାକ୍ସ ଲାଇଟ୍ ଅଚଳ

**ଅସୁରାଳି, ୨।୭(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ବଜାର ଏକ ଜନବହୁଳ ସ୍ଥାନ। ମାତ୍ର ବହୁ ଦିନ ଧରି ଗୋବିନ୍ଦପୁର ବଜାରରେ ଥିବା ହାଇମାକ୍ସ ଆଲୋକବତି ଅଚଳ ହୋଇପଡ଼ି ରହିଛି। ସେଥିଲାଗି ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ହାଟ ବାରି ମାନଙ୍କରେ ସନ୍ଧ୍ୟା ହେବା କ୍ଷଣି ବହୁ ଟ୍ରାଫିକ ସମସ୍ୟା ଉପୁଜୁଚି। ଗୋବିନ୍ଦପୁର ବଜାରରୁ ଚାରି ଆଡକୁ ରାସ୍ତା ତଥା କଲ୍ୟାଣୀ, ଧାମନଗର, ଚୁଡାକୁଟି, ବାରିକ୍ ପୁର, ଅସୁରାଳି, ଉଛପଦା, କୋରୁଆ, ଭଦ୍ରକ ପ୍ରମୁଖକୁ ସଂଯୋଗ କରୁଛି। ତେଣୁ ଏହା ସଦାସର୍ବଦା ଚଳଚଞ୍ଚଳ। ମାତ୍ର ଆଲୋକର ଅଭାବ ଯୋଗୁଁ ବିଭିନ୍ନ ଛୋଟ ମୋଟ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି। ଏହାଛଡ଼ା ଚୋରି, ଡକାୟତି ଆଦି ଲୁଟପାଟର ଭୟ ମଧ୍ୟ ରହୁଛି। ଏଥି ଲାଗି ଗୋବିନ୍ଦପୁର ବଣିକ ସଂଘର କର୍ମକର୍ତ୍ତା ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବଣିକ ସଂଘର ସଭାପତି ବାଇଧର ବସନ୍ତିଆ, ଘନଶ୍ୟାମ ସେଠୀ, କାଳନ୍ଦୀ ସାହୁ, ରଥପ୍ରସାଦ ସେଠୀ, ଚନ୍ଦ୍ରମଣି ଜେନା, ହରି ମୋହନ ଜେନା, ଶଶଧର ଦାସ, ବଳରାମ ବସନ୍ତିଆ ପ୍ରମୁଖ ଏହାର ପ୍ରତିବାଦ କରିଚନ୍ତି। ବାରମ୍ବାର ସରପଞ୍ଚଙ୍କ ଠାରୁ ବ୍ଲକ ପ୍ରଶାସନକୁ ପର୍ଯ୍ୟନ୍ତ ସୂଚିତ କରିବା ପରେ ମଧ୍ୟ ୬ ମାସରୁ ଅଧିକ ଦିନ ହେବ ଅଚଳା ଅବସ୍ଥାରେ ପଡ଼ିରହିଛି। ଖୁବ୍ ଶୀଘ୍ର ଏହାର ମରାମତି କରା ନଗଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି।

■ **ଗୋଚର ଜମିରେ ବର୍ଜ୍ୟବସ୍ତୁ ପ୍ରକଳ୍ପ**

# ଗ୍ରାମବାସୀଙ୍କ ଅସନ୍ତୋଷ ବୃଦ୍ଧି

**ବାସୁଦେବପୁର, ୨।୭(ସମିସ):** ବାସୁଦେବପୁର ପୌରପାଳିକା ୧୧ ଓ ୧୨ ନଂ ୱାର୍ଡ଼ ଅଧୀନରେ ଥିବା ଗୋଚର ଜମିରେ ବର୍ଜ୍ୟବସ୍ତୁ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନ ମନମୁଖୀ ଭାବେ ଗ୍ରାମ୍ୟ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୧୨ ନମ୍ବର ୱାର୍ଡରେ ଏକ ଗୋଚର ଜମିରେ ୧କୋଟି ୬୩ ଲକ୍ଷ ୭୮ ହଜାର ଟଙ୍କାରେ ଏକ ବର୍ଜବସ୍ତୁ ପ୍ରକଳ୍ପ ନିର୍ମାଣ ଚାଲିଛି। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହି ପ୍ରକଳ୍ପ ନିର୍ମାଣକୁ ନେଇ ଠିକାଦାର ଗୋଷ୍ଠୀ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃତ୍ରପାତ ହୋଇଥିଲା। ତେବେ ଠିକାଦାରଙ୍କ ସମର୍ଥନରେ ଥିବା କେତେକ ଗାଁ ରାଜନେତା ସମସ୍ତ ସରକାରୀ ନିୟମକୁ ପାଳନ କରି ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସାମାନ୍ୟ ସୁଧୁରିଥିଲା। ପରେ ଠିକାଦାର ଓ ପ୍ରଶାସନର ଖାମଖିଆଲି ନିତିରେ ଏବେ ପୁଣି ଉକ୍ତ ପ୍ରକଳ୍ପର ନିର୍ମାଣ ବଳବତ୍ତର ରଖିବା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ୧୧ ଓ ୧୨ ନଂ. ୱାର୍ଡବାସୀ ବ୍ୟବହାର କରୁଥିବା ଏହି ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ ହେବାରୁ ତାହା ଏବେ ନିଶ୍ଚିହ୍ନ ହେବାକୁ ବସିଛି। ଫଳରେ ଅଞ୍ଚଳବାସୀ ଗୋଚର ଜମିକୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ପୌର ପ୍ରଶାସନ ଯଦି ସ୍ଥାଣୁ ହୋଇ ପ୍ରକଳ୍ପକୁ ବନ୍ଦ ନକରେ ତେବେ ଆଗକୁ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତା'ଛଡା ଗୋଚର ଜମିରେ କୌଣସି ସରକାରୀ ପ୍ରକଳ୍ପ ହୋଇ ନପାରିବା ସରକାରୀ ନିୟମ ଥିବା ସ୍ଥଳେ କିପରି ନିର୍ମାଣ କରାଯାଉଛି, ତାହା ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କୌଣସି ଗାଁ କମିଟିରେ ଲୋକଙ୍କର ମତାମତ ନନେଇ ବଳପୂର୍ବକ ଭାବେ ସ୍ଥିର କରିନେବା ଗାଁ ରାଜନେତାଙ୍କ ମନମାନି ବିରୁଦ୍ଧରେ ମଧ୍ୟ ସ୍ୱର ଉଠାଇଛନ୍ତି। ପୂର୍ବରୁ ମଧ୍ୟ ବ୍ୟକ୍ତିଗତ ଜମିରେ ପୌର ପ୍ରଶାସନ ରାସ୍ତା ନିର୍ମାଣ କରୁଥିବା ବେଳେ ବିରୋଧ ହୋଇଥିଲା। ଏମିତି ପୌର ପ୍ରଶାସନର ମନମାନୀକୁ ନେଇ ବିଭିନ୍ନ ମହଲରୁ ଘୋର ନିନ୍ଦା କରାଯାଇଛି। ଏହି ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ଅସହାୟତା ପ୍ରକାଶ କରିବା ସହିତ ଦେଖା ଦେଇଥିବା ସମସ୍ୟକୁ ପାରିଷଦ ବୈଠକ ମାଧ୍ୟମରେ ତୁରନ୍ତ ଦୃଷ୍ଟି ଦେବେ ବୋଲି କରିଛନ୍ତି।

## ଏଡିଇଓ ନିଯୁକ୍ତିରେ ପ୍ରଶାସନର ପାତର ଅନ୍ତର

# ବ୍ଲକ୍‌ରେ ତାଲା ପକାଇଲା କଂଗ୍ରେସ

**ବାସୁଦେବପୁର, ୨।୭(ସମିସ):** ବାସୁଦେବପୁର ବ୍ଲକ୍‌ରେ ନିଯୁକ୍ତି ପାଇଥିବା ଜିଆର୍‌ଏସ (ଏଡିଇଓ)ଙ୍କୁ ପଞ୍ଚାୟତରେ ଥଇଥାନ ପାଇଁ ପ୍ରଶାସନ ପାତର ଅନ୍ତର କରିଥିବା କଂଗ୍ରେସ ଅଭିଯୋଗ କରିଛି। ସ୍ଥାନୀୟ ବ୍ଲକର ୨୬ ଜଣ ଏଡିଇଓ ନିଯୁକ୍ତି ପାଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସେମାନଙ୍କୁ ଥଇଥାନ ପାଇଁ ସ୍ଥିର କରିବା ପରେ ପୁଣି ମତ ବଦଳାଇ କଂଗ୍ରେସ ସମର୍ଥିତ ପଞ୍ଚାୟତକୁ ପାତର ଅନ୍ତର କରିଥିବା ଦଳ ଅଭିଯୋଗ କରିଛି। ଏହି ଘଟଣାକୁ କେନ୍ଦ୍ର କରି କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ତାଲା ପକାଇ ପରିସରରେ ଧାରଣା ଦିଆଯାଇଥିଲା। ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ ବ୍ଲକ ପ୍ରଶାସନର ସମସ୍ତ ମନମୁଖୀ କାର୍ଯ୍ୟକୁ ନିନ୍ଦା କରିଥିଲେ।




ଦୀର୍ଘ ସମୟ ଧରି ଏହି ଧାରଣା ଜାରି ରହିବା ଫଳରେ ବିଭିନ୍ନ କାମରେ ଆସିଥିବା ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଫାଟକ ଆଗରେ ମହିଳାମାନ ବସି ରହି ଶେଷରେ ନିରାଶ ହୋଇ ଫେରି ଯାଇଥିଲେ। ଖବର ପାଇ ବାସୁଦେବପୁର ପୁଲିସ ପହଞ୍ଚିବା ପରେ ବିଡିଓ ସଞ୍ଜୀବ କୁମାର ସାହୁ ଆଲୋଚନା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଅପରାହ୍ନରେ ସମସ୍ତ କାର୍ଯ୍ୟାଳୟରୁ ଚାବି ଖୋଲିଥିଲା। ଏହି ଧାରଣାରେ ନାରୀନେତ୍ରୀ ମଞ୍ଜୁଲତା ପଣ୍ଡା, ସରପଞ୍ଚ ସୁବାଶ ଚନ୍ଦ୍ର ସନ୍ଧିବିଗ୍ରହ, ବରିଷ୍ଠ କର୍ମି ବିଷ୍ଣୁମୋହନ ସାହୁ, ରଶ୍ମୀରଞ୍ଜନ ମହାନ୍ତି, ସିଦ୍ଧାନ୍ତ ଦାସ, ବିଭୂତି ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଚାରାରୋପଣ ପାଇଁ ପ୍ରେସ୍ ୟୁନିଅନ୍‌ର ପ୍ରସ୍ତୁତି ବୈଠକ

**ଅସୁରାଳି, ୨।୭(ସମିସ):** ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ଚାରାରୋପଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପ୍ରେସ ୟୁନିଅନର ଉପଦେଷ୍ଟା ଦୁଃଶାସନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ ରାଉତ, ପଣ୍ଡିତ ପଞ୍ଚାନନ ମିଶ୍ର, ସଭାପତି ସନ୍ତୋଷ କୁମାର ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଜୀବନାନନ୍ଦ ନାୟକ, ଅଜିତ୍ ରାୟ, ସତ୍ୟଜିତ ଓଝା, ମୃତ୍ୟୁଞ୍ଜୟ ସାହୁ, ପ୍ରଶାନ୍ତ ନାୟକ, ସସ୍ମିତା ଦାସ, ବ୍ରଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଧୂଷୁରୀ ଥାନା ଅଧୀନରେ ଥିବା ଧୂଷୁରୀ, ସାହାସପୁର, ବମକୁରା, ନଦୀଗାଁ, ଭଟସାହି, ଅର୍ଜୁନପୁର, ହସନାବାଦ, ପାଳସାହି, ରଇପୁର, କୋଠାର, ଅସୁରାଳୀ, କଟସାହି, ଖପରପଦା, ଗୋବିନ୍ଦପୁର ଆଦି ସ୍ଥାନରେ ହଜାର ଚାରାରୋପଣ କରାଯିବ ବୋଲି ସ୍ଥିର କରାଯାଇଛି। ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।



# କିଡ୍‌ନୀ ରୋଗରେ ଛଟପଟ ଗଣେଶ

**ବାରିକପୁର, ୨।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ତୁଳସୀପୁର (ରଣାଡିହ) ଗ୍ରାମର ଗଣେଶ ଚନ୍ଦ୍ର ଜେନା ପ୍ରାୟ ତିନି ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଦିନ ମଜୁରିଆ ଭାବେ ସ୍ତ୍ରୀ ଓ ଦୁଇ ଛୁଆଙ୍କୁ ଧରି ସେ ହସଖୁସିରେ ଚଳୁଥିଲେ। ଏତିକି ବେଳେ ତେଲ ଲୁଣ ସଂସାର ଉପରେ ମାଡି ଆସିଲା ରୋଗ ରୂପି କଳାବାଦଲ। ଗଣେଶଙ୍କର ପରିବର୍ତ୍ତେ ଏବେ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଥିବା ଜଣାଯାଇଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ଥିବାବେଳେ ଏବେ ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ

● **ସରିଗଲାଣି ସ୍ୱାସ୍ଥ୍ୟକାର୍ଡ ଅର୍ଥ**
● **ଚିକିତ୍ସା ନେଇ ଚିନ୍ତାରେ ପରିବାର**



ପ୍ରଥମେ ଗୋଟିଏ କିଡ୍‌ନୀ ନଷ୍ଟ ହୋଇଥିବା ଜଣାପଡ଼ିବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା। ସାହିପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ଠାରୁ ହାତ ଉଧାର ଆଣି ଗଣେଶଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ଯୋଗା ଯାଇଥିବା ସ୍ୱାସ୍ଥ୍ୟକାର୍ଡ ଅର୍ଥ ମଧ୍ୟ ସରିବାକୁ ବସିଲାଣି। ରୋଗ କମିବା ନିୟମିତ ଡାଇଲେସିସ ହେଉଥିବା ବେଳେ ରୋଗର ଭୟାବହତା ବଞ୍ଚିବା ମରିବା ସମାନ କରିଦେଇଛି। ଉଚ୍ଚ ଚିକିତ୍ସା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକ ଥିବା ବେଳେ ଶେଷ ଭରସା ସ୍ୱାସ୍ଥ୍ୟକାର୍ଡର ଅର୍ଥ ମଧ୍ୟ ସରିବାକୁ ବସିଲାଣି। ବଞ୍ଚିବା ପାଇଁ ସେ ଏବେ ରାହା ଖୋଜୁଛନ୍ତି। ଏପରି ସ୍ଥଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତମ ଚିକିତ୍ସା ସହାୟତା ଯୋଗାଇ ଦିଆଗଲେ ଗଣେଶ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇବା ସହିତ ତାଙ୍କର ଛୋଟ ସଂସାର ପୁଣି ହସି ଉଠନ୍ତା ଏଥିରେ ସନ୍ଦେହ ନାହିଁ।

## ବର୍ଷାଦିନ ଆସିଲା ପଛେ ଦୁଃଖ ସରିଲାନି

# ଦୁଇ ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ରାସ୍ତା ସ୍ୱପ୍ନ

**ବନ୍ତ/ଆଗରପଡ଼ା, ୨।୭(ସମିସ):** ବର୍ଷା ଦିନ ଆସିଲା ପଛେ ବାଙ୍କତିରା, ତୁମ୍ବାପଦା ଗ୍ରାମବାସୀଙ୍କ ଦୁଃଖ ଦୂର ହୋଇପାରିଲାନି। ଗାଁକୁ ସ୍ଥାୟୀ ରାସ୍ତାଟିଏ ଏବେ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇରହିଯାଇଛି।

ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅଧୀନ ୨ନଂ, ୩ନଂ ଓ ୪ନଂ ୱାର୍ଡ ଅର୍ନ୍ତଗତ ବାଙ୍କତିରା ଓ ତୁମ୍ବାପଦୀ ଦୁଇଟି ଗାଁ। ସାମାନ୍ୟ ମୌଳିକ ସୁବିଧା ସୁଯୋଗ ଟିକେ ପାଇବାରୁ ଗ୍ରମାବାସୀ ବଞ୍ଚିତ ହୋଇଆସୁଛନ୍ତି। ଉକ୍ତ ଦୁଇ ଗାଁକୁ ଭଲ ରାସ୍ତା ନିର୍ମାଣ ହୋଇପାରୁନଥିଲା। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ଗତ ଅକ୍ଟୋବର ମାସରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଏସ୍‌ଏଫ୍‌ସି ଯୋଜନାରେ ୧ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ମୂଲ୍ୟରେ ତୁମ୍ବାପଦୀ ଗ୍ରାମରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ସେହିପରି ନଭେମ୍ବର ମାସରେ ଏସ୍‌ଏଫ୍‌ସି ଯୋଜନାରେ ୨ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବାଙ୍କତିରା ଗ୍ରାମର ବିଶ୍ୱମ୍ବର ଯେନା ଘର ଠାରୁ ବାଙ୍କତିରା ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଜିୱାଇ ଇଣ୍ଟେଷ୍ଟ ମନି ଯୋଜନାରେ ୭ଲକ୍ଷ ୫୦ହଜାର ଟଙ୍କା ଅଟକଳ ମୂଲ୍ୟରେ ତୁମ୍ବାପଦୀ ଲକ୍ଷ୍ମୀମଣ୍ଡପ ଡାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ବିଭିନ୍ନ ସମୟରେ ଭିନ୍ନଭିନ୍ନ ଯୋଜନାରେ ଉକ୍ତ ଦୁଇ ଗ୍ରାମର ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରୁନଥିବାରୁ ବର୍ଷାଦିନରେ ଗମନାଗମନରେ ପୂର୍ବପରି ଅସୁବିଧା ଲାଗିରହୁଛି। ସରମରା ଠାରୁ ପାଖାପାଖି ୬ମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ସେହପରି ତୁମ୍ବାପଦିରୁ ବାଙ୍କତିରାକୁ ଲମ୍ବିଥିବା ପାଖାପାଖି ୨/୩ ମିଟର ରାସ୍ତା ଅବସ୍ଥା ମଧ୍ୟ ସେହିପରି। ତେଣୁ ରାସ୍ତା ନିର୍ମାଣ ହୋଇମଧ ଏକ ସମ୍ପୂର୍ଣ୍ଣ ସ୍ଥାୟୀ ରାସ୍ତା ନିର୍ମାଣ ନ ହୋଇପାରିବାରୁ ଦୁଇ ଗ୍ରାମବାସୀଙ୍କ ସ୍ଥାୟୀ ରାସ୍ତା ସ୍ୱପ୍ନ ହାଇ ରହିଯାଇଛି।



ବାଙ୍କତିରା-ତୁମ୍ବାପଦୀ ଦୁଇ ଗ୍ରାମର ଲୋକ ସଂଖ୍ୟା ପାଖାପାଖି ୧୮୦୦। ମାତ୍ର ଏଠାକୁ ଭଲ ରାସ୍ତାଟିଏ ନଥିଲା। ବାଙ୍କତିରା ସ୍କୁଲଠାରୁ ଏକ ମୋରମ ରାସ୍ତା ଏହାକୁ ସଂଯୋଗ କରୁଥିଲା। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେଉନଥିଲା। ଅନ୍ୟ ଦିନମାନଙ୍କରେ ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦସଂକୁଳ ଥିଲା। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ନଥିଲା। ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ବାଙ୍କତିରା ସ୍କୁଲକୁ, ଆଗରପଡ଼ା କଲେଜକୁ, କୋମଳମତୀ ଶିଶୁ ବାଙ୍କତିରା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧ୍ୟୟନ ପାଇଁ ଆସିଥାନ୍ତି। ବର୍ତ୍ତମାନ ବର୍ଷା ଋତୁ ଚାଲୁଥିବାରୁ ସାମାନ୍ୟ ବର୍ଷା ହେବା ମାତ୍ରେ ନିର୍ମାଣ ହୋଇନଥିବା ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏ ପାଣି ଜମା ହୋଇ ଯାଉଛି। ଏହି ରାସ୍ତାଟି ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅର୍ନ୍ତଗତ ସରମରା ଗାଁକୁ ମଧ୍ୟ ସଂଯୋଗ କରୁଛି। ରାସ୍ତା ଅବସ୍ଥା ଯୋଗୁଁ ଦମକଳ ଓ ଆମ୍ବୁଲାନ୍ସ ଆସି ପହଞ୍ଚୁଥିଲେ ମଧ୍ୟ ଏହାର ସୁବିଧା ଗ୍ରାମବାସୀ ପାଇ ପାରୁନାହାନ୍ତି।

